بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 42

ବାର୍ଷିକ ଦେୟ : 600/-

13 ରବିଉଲ୍ ଅୱଲ୍ 1446 ହି.କ, 17 ଇଖା 1403 ହି.ଶ, 17 Oct -2024 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

لَا تَمُدَّنَّ عَيْنَيْكَ إِلَىٰ مَا مَتَّعْنَا بِهِ أَزْوَاجًا مِّنْهُمْ وَلَا تَحْزَنْ عَلَيْهِمْ وَاخْفِضْ جَنَاحَكَ لِلْمُؤْمِنِينَ ○

(ଅଲ୍ ହଜର୍ : ୪୨)

**ଅନୁବାଦ:** ଅର୍ଥାତ୍ ତୁମ୍ଭେ ସେମାନଙ୍କ ମଧ୍ୟରେ ଥିବା ସେହି ସହଯୋଗୀ-ମାନଙ୍କ ଆଡ଼କୁ ଚକ୍ଷୁ ବିସ୍ତାରିତ କରି ଦେଖ ନାହିଁ ଯେଉଁମାନଙ୍କୁ ଆମ୍ଭେ ସାମୟିକ ଲାଭଦାୟର ସାମଗ୍ରୀ ପ୍ରଦାନ କରିଅଛୁ ଏବଂ ସେମାନଙ୍କ ବିନାଶ ପାଇଁ ଦୁଃଖିତ ହୁଅ ନାହିଁ । ବିଶ୍ୱାସକାରୀମାନଙ୍କ ଉପରେ ନିଜର ସଦୟ ବାହୁକୁ ଅବନତ କରି ରଖ୍ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ କାମନା କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଆହାରରେ କଲ୍ୟାଣମୂଳକ ଚମତ୍କାର

(2618) ହ. ଅବ୍ଦୁର୍ ରହମାନ ବିନ୍ ଅବି ବକର୍ ର.ଅ ବର୍ଣ୍ଣନା କରନ୍ତି, ଆମେମାନେ 130 ଜଣ ଲୋକ ଆଁହଜରତ ସ.ଅଙ୍କ ସହିତ ଥିଲୁ । ନବୀ କରୀମ୍ ସ.ଅ ପଚାରିଲେ: କ'ଣ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ପାଖରେ କିଛି ଖାଦ୍ୟ ଅଛି କି ? ଦେଖିଲା ବେଳକୁ ଜଣେ ବ୍ୟକ୍ତି ପାଖରେ ଏକ ସାଆ ଅବା ଏହାର ପାଖାପାଖି କିଛି ଅଟା ଥିଲା। ଅତଏବ୍ ଉକ୍ତ ଅଟା ଚକଟା ଗଲା । ଏତଦ୍‌ପରେ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ଯାହାର କେଶ ବିକ୍ଷିପ୍ତ, ଉଚ୍ଚତା ସମ୍ପନ୍ନ ବ୍ୟକ୍ତି ଛେଳୀମାନଙ୍କୁ ଘଉଡ଼ାଇ ସେଠାରେ ଆସି ପହଞ୍ଚିଲା। ନବୀ କରୀମ୍ ସ.ଅ ଉକ୍ତ ବ୍ୟକ୍ତିକୁ ପଚାରିଲେ, ହେ ବ୍ୟକ୍ତି ! ତୁମେ ଛେଳୀ ବିକ୍ରି କରିବ ନା ସେମିତି (ମାଗଣା) ଦେଇଦେବ? ଆଁହଜରତ ସ.ଅ ସମ୍ଭବତଃ ଦାନ ଓ ଭେଟି ଶବ୍ଦ ପ୍ରୟୋଗ କରିଥିଲେ । ସେହି ବ୍ୟକ୍ତି ଜଣକ କହିଲା, ମୁଁ ସେମିତି ଛେଳୀ ଦେବି ନାହିଁ। ବରଂ ବିକ୍ରି କରିବି। ସୁତରାଂ ଆପଣ ସ.ଅ ସେହି ବ୍ୟକ୍ତି ଠାରୁ ଗୋଟିଏ ଛେଳୀ କିଣିନେଲେ । ଉକ୍ତ କ୍ରୟ ହୋଇଥିବା ଛେଳୀକୁ ଜେବହ୍ କରି ରାନ୍ଧିବା ନିମନ୍ତେ ପ୍ରସ୍ତୁତ କରାଗଲା । ଆପଣ ସ.ଅ କହିଲେ: ଛେଳୀ କଲିଜାକୁ ନିଆଁରେ ଭାଜି ଦିଅ । ଅବ୍ଦୁର୍ ରହମାନ୍ କୁହନ୍ତି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, 130 ଜଣ ଲୋକଙ୍କ ମଧ୍ୟରୁ ଗୋଟିଏ ବ୍ୟକ୍ତି ଏପରି ନଥିଲାଯାହାକୁ ଆଁହଜରତ ଖଣ୍ଡେ କଲିଜା ଦେଇ ନଥିବେ । ଅର୍ଥାତ୍ ସମସ୍ତଙ୍କୁ ଆଁହଜରତ ସ.ଅ ଖଣ୍ଡେ ଖଣ୍ଡେ କଲିଜା ପ୍ରଦାନ କଲେ । 130 ଜଣ ବ୍ୟକ୍ତିଙ୍କ ବ୍ୟତୀତ ଯଦି କୌଣସି ବ୍ୟକ୍ତି ଉପସ୍ଥିତ ଥିଲା ତେବେ ଆପଣ ସ.ଅ ତା'କୁ ମଧ୍ୟ ଖଣ୍ଡେ କଲିଜା ଦେଲେ ଏବଂ ଯେଉଁ ବ୍ୟକ୍ତି ଉପସ୍ଥିତ ନଥିଲା ତା' ପାଇଁ ମଧ୍ୟ ଆପଣ ସ.ଅ ଖଣ୍ଡେ କଲିଜା ରଖିଦେଲେ । ଉକ୍ତ ଛେଳୀର ମାଂସରୁ ଦୁଇଟି ବଡ଼ ବଡ଼ ପିଆଲା ପ୍ରସ୍ତୁତ କରାଗଲା ଓ ସମସ୍ତେ ଛେଳୀର ମାଂସ ଖାଇଲେ। ଆମ ସମସ୍ତଙ୍କର ପେଟ ପୂରିଗଲା ଓ ଦୁଇଟି ପିଆଲାରେ ଆଉ କିଛି ମାଂସ ବଳିଲା । ବର୍ଣ୍ଣନାକାରୀ ଅବ୍ଦୁର୍ ରହମାନେ କହିଲେ, ଆମେମାନେ ସେହି ମାଂସକୁ ଓଟ ଉପରେ ରଖିନେଲୁ ଅବା ଏହିପରି ଶବ୍ଦ ବର୍ଣ୍ଣନାକାରୀ ପ୍ରୟୋଗ କରିଥିଲେ । **(ସହିହୁଲ୍ ବୁଖାରୀ, ଭାଗ-4, ବାବ୍ କିତାବୁଲ୍ ହିବା)** ☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ବିଶ୍ୱାସ ଏଭଳି ଏକ ଶକ୍ତି ଅଟେ ଯେ, ଏହା ମନୁଷ୍ୟକୁ ପ୍ରକୃତ ସାହାସିକତା ଏବଂ ବୀରତ୍ୱ ପ୍ରଦାନ କରିଥାଏ । ସାହାବମାନଙ୍କ ଜୀବନରେ ଉକ୍ତ ବିଶ୍ୱାସର ଉଦାହରଣ ପରିଲକ୍ଷିତ ହୋଇଥାଏ ।

ଈଶ୍ୱରଙ୍କ ମାର୍ଗରେ କଷ୍ଟ ଓ ପୀଡ଼ା ସହ୍ୟ କରିବା, ବିପତ୍ତି ଓ କଷ୍ଟ ସମୟକୁ ସମ୍ମୁଖୀନ ହେବା ପାଇଁ ସର୍ବଦା ତତ୍ପର ଓ ପ୍ରସ୍ତୁତ ରହିବା ବିଶ୍ୱାସର ଆହ୍ୱାନ ଦ୍ୱାରା ହିଁ ସମ୍ଭବପର ହୋଇଥାଏ । ବିଶ୍ୱାସ ଏଭଳି ଏକ ଶକ୍ତି ଯେ, ଏହା ମନୁଷ୍ୟକୁ ପ୍ରକୃତ ସାହାସିକତା ଏବଂ ବୀରତ୍ୱ ପ୍ରଦାନ କରିଥାଏ । ଉକ୍ତ ବିଶ୍ୱାସର ଉଦାହରଣ ସାହାବମାନଙ୍କ ଜୀବନରେ ପରିଲକ୍ଷିତ ହୋଇଥାଏ । ଏପରି କେଉଁ କଥା ଥିଲା ଯେ, ସେମାନେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ସହିତ ହେଉଥିଲେ ସେତେବେଳେ ସେମାନଙ୍କ ମନରେ ଆଶା (ନୂତନ) ସଂଚାର ହେଉଥିଲା ଏବଂ ସେମାନେ ଆଶାବାଦୀ ହୋଇଯାଉଥିଲେ । ଅର୍ଥାତ୍ ଏହିପରି ଜଣେ ଅସହାୟ ଏବଂ ଦୁର୍ବଳ ବ୍ୟକ୍ତି ସହିତ ହୋଇଯିବା (ମିଶିଯିବା) ଦ୍ୱାରା ଆମମାନଙ୍କୁ (ସାହାବାମାନଙ୍କୁ) କୌଣସି ପୁଣ୍ୟ ପ୍ରାପ୍ତ ହେବ ? ପ୍ରକାଶ୍ୟ ଚକ୍ଷୁ ତ' ସେମାନଙ୍କୁ (ସାହାବାମାନଙ୍କୁ) ଏହା ବ୍ୟତୀତ ଆଉ କିଛି ବି ଦେଖାଉ ନଥିଲା ଯେ, ଏହି ବ୍ୟକ୍ତି ସହିତ ମିଶିଯିବା (ଆଁହଜରତ ସ.ଅଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା) ଫଳରେ ସମସ୍ତ ଜାତିକୁ (ମକ୍କାର ଅବିଶ୍ୱାସକାରୀ କୁରୈଶ୍ ଜାତି) ନିଜର ଶତ୍ରୁ କରି ନେଇଛନ୍ତି । ଉକ୍ତ ଶତ୍ରୁତାର ପରିଣାମ ସ୍ପଷ୍ଟ ରୂପେ ଏହା ଜଣାପଡୁଥିଲା ଯେ, ବିପତ୍ତିର ପର୍ବତ ସେମାନଙ୍କ ଉପରେ ଖସି ପଡ଼ିବ ଓ ସେମାନଙ୍କୁ ଧୂଳିସାତ୍ କରି ପକାଇବ ଓ ଆମେମାନେ ଏହିପରି ଭାବରେ ଅବକ୍ଷୟ ତଥା ନଷ୍ଟ ହୋଇଯିବୁ। କିନ୍ତୁ ଅନ୍ୟ ଏକ ଚକ୍ଷୁ ମଧ୍ୟ ରହିଥିଲା ଯିଏ ଉକ୍ତ ବିପତ୍ତି ଏବଂ କଷ୍ଟକୁ ହେୟ ଏବଂ ତୁଚ୍ଛ ବୋଲି ମନେକରିଥିଲା । ଉକ୍ତ ମାର୍ଗରେ ପ୍ରାଣ ତ୍ୟାଗ କରିବା ତାହାଙ୍କ (ଅଲ୍ଲାଃତାଲାଙ୍କ) ଚକ୍ଷୁରେ ଏକ ସୁଖ ଓ ଆନନ୍ଦର କାରଣ ଥିଲା । ସେହି ବାର୍ତ୍ତାବହ ଅର୍ଥାତ୍ ଆଁହଜରତ ସ.ଅ ତାହା ଦେଖିଥିଲେ ଯାହା ପ୍ରକାଶ୍ୟ ଚକ୍ଷୁ ଥିବା ବ୍ୟକ୍ତିମାନଙ୍କର ଚକ୍ଷୁ ଠାରୁ ଗୁପ୍ତ ଏବଂ ଅନତି ଦୂରରେ ଥିଲା । ତାହା ବିଶ୍ୱାସିକ ଚକ୍ଷୁ ଏବଂ ବିଶ୍ୱାସିକ ଶକ୍ତି ଥିଲା ଯାହାକି ସମସ୍ତ କଷ୍ଟ, ପୀଡ଼ା ଏବଂ ଦୁଃଖକୁ ସଂପୂର୍ଣ୍ଣ ରୂପେ ହେୟ ଏବଂ ତୁଚ୍ଛ କରି ସେହି ସାହାବାମାନଙ୍କୁ ପ୍ରଦର୍ଶିତ (ଦେଖାଉଥିଲା) କରୁଥିଲା । ପରିଶେଷରେ ବିଶ୍ୱାସ ହିଁ ଜୟଯୁକ୍ତ ହେଲା ଏବଂ ବିଶ୍ୱାସ ହିଁ ସେହି ଅପୂର୍ବ ଚମତ୍କାର ପ୍ରଦର୍ଶନ କଲା ଯେ, ସେମାନେ ଯେଉଁ ବ୍ୟକ୍ତି (ଅବିଶ୍ୱାସକାରୀ ଯେଉଁ ନବୀ ସ.ଅ ଉପରେ) ଉପରେ ହସୁଥିଲେ ଏବଂ ଯାହାକୁ ସେମାନେ ଦୁର୍ବଳ ଓ ଅସହାୟ ବୋଲି କହୁଥିଲେ ସେହି ବାର୍ତ୍ତାବହ ବିଶ୍ୱାସ ମାଧ୍ୟମରେ ହିଁ ସେମାନଙ୍କୁ କେଉଁ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଲା । ସେହି ପୁଣ୍ୟ ଏବଂ ପ୍ରତିଫଳ ଯାହା ଲୁକ୍କାୟିତ ହୋଇ ରହିଥିଲା ତାହା ପୁଣିଥରେ ଏପରି ପରିଚିତ ହେଲା ଯେ, ଉକ୍ତ ପୁଣ୍ୟ ଓ ପ୍ରତିଫଳକୁ ସଂସାର ଅବୋଲକନ କଲା ଏବଂ ଅନୁଭବ କଲା ଯେ, ହଁ ଏହା ତା'ରି (ସେହି ଅବତାର ଓ ସେହି ବିଶ୍ୱାସର ହିଁ) ଫଳଶୃତି (ପରିଣାମ) ଅଟେ। ବିଶ୍ୱାସ ବଳରେ ସାହାବାମାନଙ୍କର ସେହି ଗୋଷ୍ଠୀ ନା କ୍ଲାନ୍ତ ହେଲା ଓ ନା ହିଁ ଶିଥିଳ ପଡ଼ିଲା। ବରଂ ବିଶ୍ୱାସିକି ଶକ୍ତିର ଆହ୍ୱାନ କ୍ରମେ ନିଜକୁ ମହାନ କରି ଦେଖାଇ ଦେଲେ । ତଥାପି ସେହି ସାହାବାମାନେ ଏହା କହିଲେ, ଆମେମାନେ ଯେଉଁ କାର୍ଯ୍ୟ କରିବା କଥା ତାହା ଆମେ ସମ୍ପାଦନ କଲୁ ନାହିଁ । ବିଶ୍ୱାସ ସେମାନଙ୍କୁ ସେହି ଶକ୍ତି ପ୍ରଦାନ କଲା ଯେ, ଯେତେବେଳେ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କୁ ବର୍ତ୍ତମାନ କୌଣସି ସ୍ପଷ୍ଟ ପରିଣାମ ଦୃଶ୍ୟମାନ ହୋଇ ନଥିଲା ସେତେବେଳେ ଅଲ୍ଲାଃତାଲାଙ୍କ ମାର୍ଗରେ ସେହି ସାହାବାମାନଙ୍କ ନିକଟରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବା ଓ ଜୀବମାନଙ୍କର ବଳିଦାନ ଦେବା ଏକ ତୁଚ୍ଛ ଓ ସାମାନ୍ୟ କଥା ଥିଲା । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଦେଖ ! ମୁସଲମାନମାନେ ଶତ୍ରୁ ହସ୍ତରୁ କେତେ ଯେ, କଷ୍ଟ ଏବଂ ନିର୍ଯାତନା ପାଇଛନ୍ତି । ମୁସଲମାନମାନେ ଏହି କଷ୍ଟ ଓ ନିର୍ଯାତନା କେବଳ لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ କହିବା ବଦଳରେ ସହ୍ୟ କରିଥିଲେ । ଗୋଟିଏ ହେଉଛି ସେହି ଯୁଗ ଯେଉଁ ଯୁଗରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବା କୌଣସି ବଡ଼ କଥା ନଥିଲା। ଗୋଟିଏ ଯୁଗ ହେଉଛି ଆଜିକାର ସାଂପ୍ରତିକ ଯୁଗ ଉକ୍ତ ଯୁଗରେ ବିଶ୍ୱାସିକ ଶକ୍ତି ସତ୍ତ୍ୱେ ବିରୋଧୀମାନେ ସେହି ପ୍ରକାରର କଷ୍ଟ ଏବଂ ନିର୍ଯାତନା ଦେଉ ନାହାନ୍ତି। ବରଂ ବିରୋଧୀମାନେ ଏକ ନ୍ୟାୟପ୍ରିୟ ସରକାରଙ୍କ ଛତ୍ରଛାୟା ତଳେ ରହି, ସରକାରଙ୍କ ପକ୍ଷରୁ କୌଣସି କଟକଣା ମଧ୍ୟ ନାହିଁ, ଧାର୍ମିକ ଶିକ୍ଷା ପ୍ରାପ୍ତ କରିବାର ସମସ୍ତ ସାଧନ

ମଧ୍ୟ ଉପଲବ୍ଧ ରହିଛି । ଧାର୍ମିକ କର୍ମକାଣ୍ଡ ସମ୍ପାଦନ କରିବା ପ୍ରତି କୌଣସି ବାଧ ବାଧକତା ନାହିଁ । କିନ୍ତୁ ସିଜଦାଟିଏ କରିବା ଅତ୍ୟନ୍ତ କଷ୍ଟକର ବୋଲି ଜ୍ଞାତ ଓ ପ୍ରତି ହେଉଅଛି । ତେଣୁ ତୁମେମାନେ ଯଦି ଚିନ୍ତା କର ତେବେ ତୁମେମାନେ ବୁଝିପାରିବ ଯେ, କାହିଁ ସେ ମୁଣ୍ଡ ଅର୍ଥାତ୍ ଜୀବନ ଓ କାହିଁ ସେହି ସିଜ୍‌ଦା ! ତହିଁରୁ ସ୍ପଷ୍ଟ ରୂପେ ଜ୍ଞାତ ହୁଏ ଯେ, ଆଜି ବିଶ୍ୱାସ ରସାତଳ (ତଳକୁ ଖସି ଯାଇଛି) ଅବସ୍ଥାରେ ରହିଛି । **(ମଲଫୁଜାତ୍, ଭାଗ-2, ପୃ-35, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)** ☆-☆-☆

## ଯେଉଁ ଲୋକମାନେ ଈଶ୍ୱରଙ୍କ ଧର୍ମର ସମର୍ଥନ ସକାଶେ ଛିଡ଼ା ହୋଇଯାଆନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ କରିଥାଆନ୍ତି । ଜିହାଦ୍ ବାଧ୍ୟତାମୂଳକ ହେବାର ଆବଶ୍ୟକୀୟ ସର୍ତ୍ତାବଳୀ । ଧାର୍ମିକ ଓ ରାଜନୈତିକ ଯୁଦ୍ଧ ମଧ୍ୟରେ ଥିବା ପାର୍ଥକ୍ୟ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 39ର ବ୍ୟାଖ୍ୟା କରି କୁହନ୍ତି: "ଇସଲାମୀୟ ଶିକ୍ଷାନୁଯାୟୀ ଯୁଦ୍ଧ ନିମନ୍ତେ ଅନୁମତି କେବଳ ସେହି ସ୍ଥିତିରେ ଦିଆଯାଇ ପାରିବ ଯେତେବେଳେ କୌଣସି ଜାତି ଦୀର୍ଘ ସମୟ ପର୍ଯ୍ୟନ୍ତ ଅନ୍ୟ ଜାତି ଉପରେ ଅନ୍ୟାୟ ଓ ଅତ୍ୟାଚାର ପ୍ରଦର୍ଶନ କରୁଥିବ । ନିଷ୍ପେଷିତ ଏବଂ ଅତ୍ୟାଚାରିତ ଜାତି ଶତ୍ରୁମାନଙ୍କର ଅଭ୍ୟାସ ନିମନ୍ତେ ପ୍ରଯୁକ୍ତ ସିଲଟ ପରି ଥିଲା । ସବଳ ଜାତି ବାରମ୍ବାର ଅତ୍ୟାଚାରିତ ଜାତି ଉପରେ ଅତ୍ୟାଚାର କରୁଥିଲା । ସେହିପରି ଅତ୍ୟାଚାରୀ ଜାତି ଯେତେବେଳେ ଦୁର୍ବଳ, ନିଷ୍ପେଷିତ ଜାତି ଉପରେ ଅତ୍ୟାଚାର କରୁଥିଲା ଏବଂ ନିଷ୍ପେଷିତ ଜାତିକୁ رَبُّنَا اللّٰہُ କହିବାରୁ ଅଟକାଇଲା ସେତେବେଳେ ଇସଲାମୀୟ ଜାତି ଅନ୍ୟ ଧର୍ମ ଓ ଅନ୍ୟ ଜାତି ସହିତ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛି । ଅର୍ଥାତ୍ ଅତ୍ୟାଚାରୀ ଯେତେବେଳେ ନିରୀହ ନିଷ୍ପେଷିତ ଜାତିର ଧର୍ମ ପ୍ରସଙ୍ଗରେ ହସ୍ତକ୍ଷେପ କରି ଲୋକମାନଙ୍କୁ ଇସଲାମ୍ ଧର୍ମରୁ ଓହୋରି ଯିବା ନିମନ୍ତ ବାଧ କଲେ । ଉକ୍ତ ପ୍ରସଙ୍ଗରେ ଯଦି କୌଣସି ମୁସଲମାନ ଧର୍ମାବଲମ୍ବୀ ବିରୋଧ କରୁଥିଲା ଏବଂ ଯଦି କୌଣସି ବ୍ୟକ୍ତି ଇସ୍‌ଲାମ୍ ଧର୍ମ ଆପଣାଇ ନେଉଥିଲା ତେବେ ସେପରିପ୍ରେକ୍ଷୀରେ ଉକ୍ତ ଇସଲାମ୍ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିକୁ ଶହୀଦ୍ କରିଦିଏ । ତେଣୁ ସେହି ଅତ୍ୟାଚାରୀ ଜାତି ବ୍ୟତୀତ ଅନ୍ୟ କୌଣସି ଜାତି ସହିତ ଜିହାଦ୍ (ସଂଗ୍ରାମ ବା ଯୁଦ୍ଧ) କରିବା ବୈଧ ନୁହେଁ । କିନ୍ତୁ ଯୁଦ୍ଧ ଯଦି ହୁଏ ତେବେ କେବଳ ରାଜନୈତିକ ଏବଂ ଦେଶୀୟ ଯୁଦ୍ଧ ହେବ । ଉକ୍ତ ଯୁଦ୍ଧ ଦୁଇଟି ମୁସଲମାନ ଜାତି ମଧ୍ୟରେ ମଧ୍ୟ ହୋଇପାରେ । କିନ୍ତୁ ଏହାର ନାମ ଜିହାଦ୍ ବୋଲି ନାମିତ କରାଯାଇ ପାରିବ ନାହିଁ । ଉକ୍ତ ଯୁଦ୍ଧରେ ସାମିଲ୍ ହେବା ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ପକ୍ଷେ ଅନିର୍ବାର୍ଯ୍ୟ ହେବ ନାହିଁ । ବରଂ କେବଳ ସେହି ମୁସଲମାନମାନଙ୍କର କର୍ତ୍ତବ୍ୟ ହେବ ଯେ, ଯେଉଁମାନେ ସେହି ଯୁଦ୍ଧକାରୀ ଦେଶରେ ବାସ କରୁଥିବେ । କାରଣ ଉକ୍ତ ଯୁଦ୍ଧଟି ଦେଶ ମାତୃକା ପ୍ରେମମୂଳକ ଯୁଦ୍ଧ ବୋଲାଇବ ଏବଂ ଧାର୍ମିକ ଯୁଦ୍ଧ ବିବେଚିତ ହେବ ନାହିଁ । ଅତଏବ୍ ରସୁଲ୍ କରୀମ୍ ସ.ଅ କୁହନ୍ତି: حُبُّ الْوَطَنِ مِنَ الْاِیْمَانِ ଅର୍ଥାତ୍ ଦେଶ ପ୍ରୀତି ମଧ୍ୟ ବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି: "ଏଭଳି ନିଷ୍ପେଷିତ ଜାତିର ଏହି କର୍ତ୍ତବ୍ୟ ହୋଇଥାଏ ଯେ, ଯେତେବେଳେ ତା'କୁ ସାମର୍ଥ୍ୟ ଏବଂ ଶକ୍ତି ପ୍ରାପ୍ତ ହୁଏ ସେତେବେଳେ ସେହି ସମସ୍ତ ଧର୍ମର ରକ୍ଷା କରୁ ଓ ସେହି ପବିତ୍ର ସ୍ଥଳୀ ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ବିଶେଷ ବ୍ୟବସ୍ଥା କରୁ । ସେ ଉକ୍ତ ବିଜୟକୁ ନିଜର ଶକ୍ତି ଓ ସାମର୍ଥ୍ୟର ମାଧ୍ୟମ କରି ନନେଉ । ବରଂ ଗରିବମାନଙ୍କର ଯତ୍ନ ନେବା, ଦେଶର ଅବସ୍ଥାକୁ ସୁଧାରିବା ଏବଂ ଉପଦ୍ରବ ଓ ହିଂସାକୁ ସମାପ୍ତ କରିବାରେ ନିଜର ଶକ୍ତିକୁ ବ୍ୟୟ ଓ ବିନିଯୋଗ କରୁ । କାରଣ ଇସ୍‌ଲାମ୍ ଧର୍ମ ସଂସାରରେ ସାକ୍ଷ୍ୟ ଓ ରକ୍ଷକ ସ୍ୱରୂପ ଆସିଅଛି । ନା କି ଜଣେ ଅନ୍ୟାୟୀ ଓ ଅତ୍ୟାଚାରୀ ଭାବରେ ଆସିଅଛି । ସେହି ଲୋକମାନେ ଯେଉଁମାନେ ଇସଲାମୀୟ ଜିହାଦ୍ ଉପରେ ଆପତ୍ତି କରନ୍ତି ସେମାନଙ୍କୁ ଏହା ଭାବିବା ଉଚିତ୍ ଯେ, କ'ଣ ଏହି ପ୍ରକାରର ଯୁଦ୍ଧ ମୁସଲମାନମାନଙ୍କ ନିୟନ୍ତ୍ରଣରେ ରହିଛି ଯେ, ମୁସଲମାମାନଙ୍କର ଯେତେବଳେ ଇଚ୍ଛା ହେଲା ସେତେବେଳେ ଯୁଦ୍ଧ କଲେ ଓ ଯେତେବେଳେ ଇଚ୍ଛା ହେଲା ସେତେବେଳେ ମୁସଲମାନ ଅବିଶ୍ୱାସକାରୀଙ୍କୁ ବନ୍ଦୀ କରିବା ଆରମ୍ଭ କରିଦେବେ ।

ଏହି ପ୍ରକାରର ଯୁଦ୍ଧର ପ୍ରାରମ୍ଭ ତ' ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ହିଁ ହୋଇପାରିବ । ଯେତେବେଳେ ତହିଁରୁ ବର୍ତ୍ତିବା ତା' ପକ୍ଷରେ ସମ୍ଭବର ହୋଇପାରିବ ଯେତେବେଳେ ସେ ଏହିଭଳି ଯୁଦ୍ଧ କରେ ଓ ବଳପୂର୍ବକ ଅନ୍ୟମାନଙ୍କର ଧର୍ମ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ ତେବେ ସେହି ବ୍ୟକ୍ତି ପାଗଳ କିମ୍ବା ଦଣ୍ଡ ପାଇବା ଯୋଗ୍ୟ ଅଟେ । କାରଣ ତା'କୁ ଏହି ସ୍ୱାଧୀନତା ଦିଆଯାଇଥିଲା ଯେ, ଅନ୍ୟମାନଙ୍କ ଉପରେ ଆକ୍ରମଣ ନକରି ଥାଆନ୍ତା, ତା'କୁ ଏହି ସ୍ୱାଧୀନତା ଦିଆଯାଇଥିଲା ଯେ, ସେ ଧର୍ମ ନିମନ୍ତେ ଯୁଦ୍ଧ ନକରି ଥାଆନ୍ତି । ଏହିପରି ଭାବରେ ସେ ନିଜକୁ ବିନାଶ ଓ ଧ୍ୱଂସରୁ ବଞ୍ଚାଇ ନେଇଥାଆନ୍ତା ।

ଏଠାରେ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, اُذِنَ لِلَّذِیْنَ یُقٰتَلُوْنَ بِاَنَّهُمْ ପରେ اِنَّ اللّٰهَ یُدٰفِعُ عَنِ الَّذِیْنَ اٰمَنُوْا ظُلِمُوْا ଉପରେ ଆପତ୍ତି ହୋଇଥାଆନ୍ତା ଯେ, ଭକ୍ତ ବିଶ୍ୱାସକାରୀମାନେ ଯେତେବେଳେ ସ୍ୱୟଂ ଅବିଶ୍ୱାସକାରୀ ମାନଙ୍କ ସହିତ ଯୁଦ୍ଧ କଲେ ସେତେବେଳେ ଈଶ୍ୱର କିଭଳି ରକ୍ଷା କରିଥିଲେ ? ଉପରୋକ୍ତ ଆୟତ୍‌ରେ ଏହି ଉତ୍ତର ପ୍ରଦାନ କରାଯାଇଛି ଯେ, ପ୍ରକାଶ୍ୟ ରୂପେ ପ୍ରତ୍ୟେକ ବିଶ୍ୱାସକାରୀମାନେ ଯୁଦ୍ଧ କରିବେ କିନ୍ତୁ ସେମାନେ ମଧ୍ୟ ଓ ଅନ୍ୟ ଲୋକମାନେ ମଧ୍ୟ ଏକଥା ଜାଣନ୍ତି ଯେ, ସେମାନେ ଜିତି ପାରିବେ ନାହିଁ । ଅତଏବ୍ وَاِنَّ اللّٰهَ عَلٰی نَصْرِهِمْ لَقَدِیْرٌ କହି ଏହା ଦର୍ଶାଇଲେ ଯେ, ପ୍ରକୃତ ଯୁଦ୍ଧ ଅଲ୍ଲାଃତାଲାଙ୍କ ପକ୍ଷରୁ ହିଁ ହେବ ।

ବିଶ୍ୱାସକାରୀମାନେ ତ' ତାଙ୍କର ଅର୍ଥାତ୍ ପ୍ରଭୁଙ୍କର କେବଳ ଏକ ଅସ୍ତ୍ର ହେବେ । ସେହି ଅସ୍ତ୍ର ଅର୍ଥାତ୍ ବିଶ୍ୱାସକାରୀମାନଙ୍କ ଠାରୁ ପ୍ରଭୁ କାମ ନେବେ । ଅର୍ଥାତ୍ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ବିନିଯୋଗ କରିବେ । ବିଜୟ ପ୍ରଦାନ କରିବା ତାହଙ୍କ ଉପରେ ହିଁ ନିର୍ଭର କରେ । ସେ ବିଜୟ ପ୍ରଦାନ କରିବେ । ତେବେ ଏହା ସେହି ପ୍ରସଙ୍ଗ ଏବଂ କଥାର ପ୍ରମାଣ ଯେ, ଉକ୍ତ ଯୁଦ୍ଧଟି ଈଶ୍ୱର ଲଢ଼ିଛନ୍ତି ନା କି ମନୁଷ୍ୟମାନେ ? ପୁନଶ୍ଚ ପରବର୍ତ୍ତୀ ଆୟତ୍‌ରେ ଅଲ୍ଲାଃତାଲ କହିଦେଲେ ଯେ, وَلَیَنْصُرَنَّ اللّٰهُ مَنْ یَّنْصُرُهٗ ଅର୍ଥାତ୍ ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ଧର୍ମର ସାହାଯ୍ୟ ଓ ସମର୍ଥନ ନିମନ୍ତେ ଛିଡ଼ା ହୋଇଯାଆନ୍ତି ଅଲ୍ଲାଃତାଲା ସେମାନଙ୍କୁ ହିଁ ସାହାଯ୍ୟ କରିଥାଆନ୍ତି । ଅତଏବ୍ ବିଶ୍ୱାସକାରୀଙ୍କ ଲଢ଼ିବା ସତ୍ତ୍ୱେ ପ୍ରକୃତ ସୁରକ୍ଷା ଅଲ୍ଲାଃତାଲାଙ୍କ ହସ୍ତରେ ହିଁ ରହିଲା । **(ତଫ୍‌ସିର୍ କବିର୍ ଭାଗ-6, ପୃ-63, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆-☆-☆

## ଜୈଲି ତନ୍‌ଜିମାତ (ଜମାଅତ୍ ଅଧୀନସ୍ଥ ବିଭିନ୍ନ ଗୋଷ୍ଠୀଙ୍କ)ର ସାଲାନ (ବାର୍ଷିକ) ଇଜ୍‌ତିମା (ସମ୍ମିଳନୀ) 2024

ସୟେଦିନା ହୁଜୁରେ ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃଙ୍କ ବାର୍ଷିକ ଇଜ୍‌ତିମା ନିମନ୍ତେ ତା- 25, 26, 27 ଅକ୍ଟୋବର 2024 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର କୃପାବତ୍ସଳ ଭାବରେ ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦ ଏଥି ମୁତାବକ ଦୁଆର ସହିତ ଉକ୍ତ ଇଜ୍‌ତିମାରେ ସାମିଲ୍ ହେବା ପାଇଁ ଯଥାସମ୍ଭବ ଉଦ୍ୟମ କରନ୍ତୁ । **ଆମିନ୍ । (ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ଭାରତ)**

## 129ତମ ଜଲସା ସାଲାନ କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍ ।** ସେହିପରି ଉକ୍ତ ଜଲସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## ବିଗତ ବଦର୍ ସଂଖ୍ୟା-41, ପୃ-10ରେ ବର୍ଣ୍ଣିତ ଖୁତବା ଜୁମା 12-01-2024ର ଅବଶିଷ୍ଟାଂଶ.....

ହ. ଇସା ଅ.ସଙ୍କ ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ଉକ୍ତ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରି ପ୍ରତ୍ୟାରୋପ ସ୍ୱରୂପ ଉତ୍ତର ପ୍ରଦାନ କରିଛନ୍ତି । ଏହା ନୁହେଁ ଯେ, ଆପଣ ଅ.ସ ହ. ଯୀଶୁଖ୍ରୀଷ୍ଟଙ୍କୁ ଅବତାର ବୋଲି ସ୍ୱୀକାର କରୁ ନଥିଲେ । ନା । ହ. ମସିହ୍ ମଉଦ୍ ଅ.ସଙ୍କ ଉକ୍ତ ଉଦ୍ଦେଶ୍ୟ ତଥା ଯଥାର୍ଥତା ଥିଲା ଯେ, ହ. ଇସା (ଯୀଶୁ) ନବୀ (ଅବତାର) ନୁହନ୍ତି । ବରଂ ଆପଣ ଅ.ସ କୁହନ୍ତି ହେ ଲୋକମାନେ ତୁମେମାନେ ଯେଉଁ ଅବତାରଙ୍କୁ ଉପସ୍ଥାପିତ କରୁଛ ଓ ଯାହାଙ୍କୁ ତୁମେ ଈଶ୍ୱରଙ୍କ ପୁତ୍ର ବୋଲି ବିବେଚିତ କରୁଛ ସେହି ଅବତାରଙ୍କର ତୁମମାନଙ୍କର **(ଅବଶିଷ୍ଟାଂଶ...ପୃ-8ରେ)**

# (ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅ କହିଲେ: "ପ୍ରଥମ ଥର କରି ଯେତେବେଳେ ଆଲୋକରଶ୍ମୀ ବାହାରିଥିଲା ସେତେବେଳେ ହୈରାହ୍ ଓ କିସ୍ରାହର ମହଲ (ପ୍ରାସାଦ) ମୋତେ ଅବଲୋକନ କରାଯାଇଥିଲା । ହ. ଜିବ୍ରାଇଲ୍ ଅ.ସ ମୋତେ କହିଲେ, ଆପଣ ସ.ଅଙ୍କ ଧର୍ମାବଲମ୍ବୀମାନେ ଉକ୍ତ ପ୍ରାସାଦଗୁଡ଼ିକୁ ଅଧିକାର କରିବେ। ଆପଣ ସ.ଅ ପୁନଶ୍ଚ କହିଲେ, ଦ୍ୱିତୀୟ ଥରର ଆଲୋକରେ ମୋତେ ରୋମ ଭୂମିର ଲୋହିତ ବର୍ଣ୍ଣର ରାଜ ପ୍ରସାଦ ଅବଲୋକନ ହୋଇଥିଲା । ହ. ଜିବ୍ରାଇଲ୍ ଅ.ସ ମୋତେ ସୂଚନା ପ୍ରଦାନ କଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ ଧର୍ମାବଲମ୍ବୀମାନେ ଉକ୍ତ ରାଜ ପ୍ରସାଦକୁ ମଧ୍ୟ ଅଧିକାର କରିବେ । ଆପଣ ସ.ଅ ପୁନଶ୍ଚ କହିଲେ, ତୃତୀୟ ଥର ଯେତେବେଳେ ଆଲୋକ ରଶ୍ମୀ ଉକୁଟିଲା (ବାହାରିଲା) ସେତେବେଳେ ମୋତେ ସନ୍‌ଆର ରାଜ ପ୍ରସାଦ ଦେଖାଇ ଦିଆଗଲା ଓ ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ତୁମର ଧର୍ମବଲମ୍ବୀମାନେ ମଧ୍ୟ ଉକ୍ତ ରାଜ ପ୍ରସାଦକୁ ଅଧିକାର କରିନେବେ । ଅତଏବ୍ ହେ ମୁହମ୍ମଦ୍ ସ.ଅ ତୁମ୍ଭକୁ ଆମେ ଶୁଭ ସମାଚାର ପ୍ରଦାନ କରୁଅଛୁ ।"

ଖନ୍ଦକ୍ (ଗର୍ତ୍ତ) ଖୋଳିବା ସମୟରେ ନବୀ କରୀମ୍ ସ.ଅଙ୍କ ଅଂଶ ଗ୍ରହଣ କରିବା ଏବଂ ଆପଣ ସ.ଅଙ୍କ ଦୁଆର କଲ୍ୟାଣ ମାଧ୍ୟମରେ ସାହାବାମାନେ ତ' ନିଜର ଦୁଃଖ, ପରିଶ୍ରମର କଷ୍ଟକୁ ସଂପୂର୍ଣ୍ଣ ରୂପେ ପାସୋରି ଦେଇଥିଲେ ।

ଅହଜାବ୍ ଯୁଦ୍ଧ ନିମନ୍ତେ ଗର୍ତ୍ତ ଖନନ (ଖୋଳିବା) ଓ ଇତି ମଧ୍ୟରେ ଘଟିଥିବା ଚମତ୍କାରର ବର୍ଣ୍ଣନା ।

ଅହେମଦିମାନଙ୍କର ବିଶ୍ୱାସରେ ଦୃଢତ୍ୱତା ଏବଂ ସଂସାରର ସାମୂହିକ ପରିସ୍ଥିତି ନିମନ୍ତେ ଦୁଆ କରିବାକୁ ହୁଜୁରୁ ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।

ଅଲ୍ଲାଃତାଲା ସକଳ ଶକ୍ତିର ଅଧିକାରୀ । ଏହି ଲୋକମାନେ ଏବେ ବି ଯଦି ତ୍ରୁଟି ମାର୍ଜନା ପ୍ରତି ଧ୍ୟାନ ଦିଅନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ଉଦ୍ଧାର କରି ପାରିବେ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ସେମାନେ ବୁଝି ଯାଆନ୍ତୁ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 13 SEPTEMBER 2024 ମସିହା ଅନୁଯାୟୀ ୧/ ତୁବୁକ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅହଜାବ୍ ଯୁଦ୍ଧ ସଂପର୍କରେ ବିଗତ ଖୁତ୍‌ବାରେ ଚର୍ଚ୍ଚା ଚାଲିଥିଲା ଯେ, କିପରି ଖୈବର୍ ଯୁଦ୍ଧରେ ଇହୁଦୀମାନେ ଶପଥ ଭଙ୍ଗ କରିଥିଲେ ଏବଂ କିପରି ଈର୍ଷାନ୍ୱିତ ଏବଂ ଦ୍ୱେଷାଭାବ ଯୋଗୁଁ ଅବିଶ୍ୱାସକାରୀମାନଙ୍କର ସୈନ୍ୟବାହିନୀ ପ୍ରସ୍ତୁତ ହୋଇଥିଲା। କାରଣ ସେହି ସୈନ୍ୟବାହିନୀ ଏହା ଚାହୁଁଥିଲା ଯେ, ମୁସଲମାନମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ସମାପ୍ତ କରିଦିଆଯାଉ । ଏହାର ଅତିରିକ୍ତ ସବିଶେଷ ବିବରଣୀ ଇତିହାସରୁ ଏହିପରି ମିଳେ ଯେ, ରସୁଲ୍ କରୀମ୍ ସ.ଅ ସୁଲୈତ୍ ଓ ସୁଫିୟାନ୍ ବିନ୍ ଔଫ୍ ଅସ୍‌ଲମିକୁ ସୈନ୍ୟବାହିନୀର ସୂଚନା ଆଣିବା ନିମନ୍ତେ ଯେତେବେଳେ ପ୍ରେରଣ କଲେ ସେତେବେଳେ ଏମାନେ ଦୁହେଁ ସେଠାକୁ ଗଲେ। ଯେତେବେଳେ ଏମାନେ ଦୁହେଁ ବୈଦା ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ମକ୍କା ଓ ମଦିନା ମଧ୍ୟବର୍ତ୍ତୀ ଜୁଲ୍ ହୁଲୈଫାରୁ ଆଗକୁ ସମତଳ ଅଞ୍ଚଳ ଅବସ୍ଥିତ । ଜୁଲ୍ ହୁଲୈଫା ମଦିନା ଠାରୁ 6 କିମ୍ବା 7 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଅଟେ । ସେ ଯାହା ହେଉ ସେହି ଦୁଇଜଣଙ୍କୁ ଅବୁ ସୁଫିୟାନ୍‌ର ଅଶ୍ୱାରୋହୀମାନେ ଦେଖିଦେଲେ । ଶତ୍ରୁର ଯେତେବେଳେ ଏହି ଦୁଇ ଜଣଙ୍କ ଉପରେ ଦୃଷ୍ଟି ପଡ଼ିଲା ସେତେବେଳେ ଏମାନେ ଦୁହେଁ ସେହି ଶତ୍ରୁଙ୍କ ସହିତ ଲଢି ବୀରଗତି ପ୍ରାପ୍ତ କଲେ । ସେହି ଦୁଇଜଣଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଅଣାଗଲା ଏବଂ ଗୋଟିଏ କବରରେ ସେମାନଙ୍କୁ କବର ଦିଆଗଲା । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଗର୍ତ୍ତ ଖୋଳିବାକୁ ଯେତେବେଳେ ନିଷ୍ପତ୍ତି ନିଆଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ଅଶ୍ୱ ଉପରେ ଆରୋହଣ ହେଲେ ଏବଂ ଆପଣ ସ.ଅଙ୍କ ସହିତ ଅନେକ ପ୍ରବାସକାରୀମାନେ ଓ ଅନସାରମାନେ ମଧ୍ୟ ଥିଲେ । ଆପଣ ସ.ଅ ସୈନ୍ୟବାହିନୀର ଶିବିର ନିମନ୍ତେ ସ୍ଥାନ ଯେତେବେଳେ ସନ୍ଧାନ କରିବାକୁ ଲାଗିଲେ ସେତେବେଳେ ସବୁଠୁ ଉପଯୁକ୍ତ ଯେଉଁ ସ୍ଥାନଟି ଦୃଶ୍ୟମାନ ହେଲା ଯେ, ଆପଣ ସ.ଅ ସେହି ସଲଅ ପର୍ବତକୁ ନିଜର ପିଠି ପଛରେ ରଖିବେ ଓ ମଜାଜ୍‌ରୁ ଜୁବାବ୍ ଓ ରାତିଜ୍ ପର୍ଯ୍ୟନ୍ତ ଗର୍ତ୍ତ ଖୋଳାଯାଉ। ମଜାଜ୍ ମଦିନାର ସଲଅ ନିକଟବର୍ତ୍ତୀ ଏକ ପର୍ବତ ଥିଲା ଏବଂ ଜୁବାବ୍ ମଦିନା ନିକଟବର୍ତ୍ତୀ ଏକ ପର୍ବତର ନାମ ଥିଲା । ରାତିଜ୍ ମଦିନାର ଦୁର୍ଗ ମଧ୍ୟରୁ ଅନ୍ୟତମ ଦୁର୍ଗ ଥିଲା। ଉକ୍ତ ଦୁର୍ଗଟି ଇହୁଦୀମାନଙ୍କର ଦୁର୍ଗ ଥିଲା । ଏହା ମଧ୍ୟ କୁହାଯାଏ ଯେ, ଜୁବାବ୍‌ର ପୂର୍ବ ଦିଗରେ ଏକ କ୍ଷୁଦ୍ର ପର୍ବତ ଅବସ୍ଥିତ ଥିଲା । ଅତଏବ୍ ସେହି ଦିନ ଗର୍ତ୍ତ ଖନନ (ଖୋଳିବା) କାର୍ଯ୍ୟ ଆରମ୍ଭ ହେଲା ଏବଂ ମୁସଲମାନମାନେ ବନୁ କୁରେଜା ଠାରୁ ଅନେକ ଯନ୍ତ୍ରପାତି ଯଥା- କୋଦାଳ, ଟାଙ୍ଗିଆ, କୁରାଡ଼ୀ ବେଲ୍‌ଚା ପ୍ରଭୃତି ସରଞ୍ଜାମ ଅସ୍ଥାୟୀ ଓ ସୀମିତ ସମୟ ପାଇଁ ମାଗିକି ଆଣିଥିଲେ ଏବଂ ରସୁଲୁଲ୍ଲାଃ ସ.ଅ ଖନ୍ଦକ୍‌ର (ଗର୍ତ୍ତ) ପ୍ରତ୍ୟେକ ପାର୍ଶ୍ୱରେ ଖନନ କରିବାର ଦାୟିତ୍ୱ ଗୋଟିଏ ସଂପ୍ରଦାୟ ଉପରେ ନ୍ୟସ୍ତ କରାଗଲା । ଆପଣ ସ.ଅ ସେହି ସଂପ୍ରଦାୟକୁ ଦଶ ଦଶଟି ଗୋଷ୍ଠୀରେ ବିଭକ୍ତ କଲେ ଏବଂ ପ୍ରତ୍ୟେକ 10 ଜଣ ସଦସ୍ୟଙ୍କ ନିମନ୍ତେ ପ୍ରାୟ 40,000 ଗଜ୍ (ଗୋଟିଏ ଗଜ୍ 3 ଫୁଟ୍ ଅତଏବ 40,000 ଗଜ୍ = 40000×3=120,000) ର ସୈନ୍ୟ ଟୁକୁଡ଼ି ଧାର୍ଯ୍ୟ କଲେ । ରସୁଲୁଲ୍ଲାଃ ସ.ଅ ସ୍ୱୟଂ ମଧ୍ୟ ଖନନ (ଖୋଳିବା) କାର୍ଯ୍ୟରେ ଅଂଶ ଗ୍ରହଣ କଲେ ଏବଂ ନିଜ ପିଠି ଉପରେ ମାଟି ଉଠାଇଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ପିଠି ଓ ପେଟ ପୂରାପୂରି ଧୂଳି ଧୂସର ହୋଇଗଲା । ଯେଉଁ ମୁସଲମାନମାନେ ନିଜ ପାଳିର କାମ ସାରି ଦେଉଥିଲେ ସେମାନେ ଅନ୍ୟ ବ୍ୟକ୍ତିକୁ ସାହାଯ୍ୟ କରିବା ନିମନ୍ତେ ପହଞ୍ଚି ଯାଉଥିଲେ । ଏପର୍ଯ୍ୟନ୍ତ ଗର୍ତ୍ତ ଖନନ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଗଲା ଏବଂ ସଂପୂର୍ଣ୍ଣ ଗର୍ତ୍ତ ଖୋଳା ହୋଇଗଲା । ମୁସଲମାନ ଭାଇମାନେ ଏପରି କଲେ ନାହିଁ ଯେ, ନିଜ କାମ ସରିଗଲା ଓ ଯାଇ ବସିଗଲେ। ନା । ବରଂ ନିଜ ସାଥିମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପହଞ୍ଚି ଯାଉଥିଲେ । ଖନ୍ଦକ୍ (ଗର୍ତ୍ତ) ଖୋଳିବା କାର୍ଯ୍ୟରେ କୌଣସି ମୁସଲମାନେ ପଛରେ ରହିଲା ନାହିଁ । ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅଙ୍କୁ ଯେତେବେଳେ ଟୋକେଇ ମିଳିଲା ନାହିଁ ସେତେବେଳେ ସେମାନେ ଶୀଘ୍ର ଶୀଘ୍ର ନିଜର ପରିହିତ ଥିବା ବସ୍ତ୍ରରେ ଅର୍ଥାତ୍ ଚଦରରେ ମାଟି ଭର୍ତ୍ତି କରି ନେଇଯାଉଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-364-365, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-105, 125, 129, 365, ଜୱାର୍ ଏକାଡ଼େମୀ-କରାଚୀ) (ଖୁଲାସତୁଲ୍ ୱଫା, ବିଅଖ୍‌ବାରିଲ୍ ମୁସ୍ତଫା, ପୃ-553-554, ମକ୍‌ତବତୁଲ୍ ଇଲମିୟାହ୍ ମଦିନା ମୁନୱରାହ୍)**

ହ. ମୀର୍ଜା ବଶୀର୍ ଅହେମଦ ସାହେବ ର.ଅ ଉକ୍ତ ଘଟଣାର ସବିଶେଷ ବିବରଣୀ ମଧ୍ୟ ପ୍ରଦାନ କରିଛନ୍ତି । ଆପଣ ର.ଅ କୁହନ୍ତି: "ଏତେ ବିଶାଳ ସୈନ୍ୟବାହିନୀର ଗତିବିଧିକୁ ଗୋପନ ରଖିବା ଅବିଶ୍ୱାସକାରୀଙ୍କ ପକ୍ଷେ କଷ୍ଟକର ବ୍ୟାପାର ଥିଲା । ପୁନଶ୍ଚ ଆଁହଜରତ୍ ସ.ଅଙ୍କ ଗୁପ୍ତଚର ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ସୁଦୃଢଥିଲା । ବର୍ତ୍ତମାନ କୁରେଶ୍‌ମାନଙ୍କର ସୈନ୍ୟବାହିନୀ ମକ୍କାରୁ ବାହାରି ନଥିଲା କି ଆଁହଜରତ ସ.ଅଙ୍କୁ ସେମାନଙ୍କର ସୂଚନା ପ୍ରାପ୍ତ ହୋଇଗଲା । ଫଳତଃ ଆପଣ ସ.ଅ ସାହାବାମାନଙ୍କୁ ଏକତ୍ରିତ କରି ଏଥି ସଂକ୍ରାନ୍ତରେ ପରାମର୍ଶ ଦେଲେ । ଉକ୍ତ ପରାମର୍ଶରେ ଇରାନ୍‌ର ସଲମାନ୍ ଫାର୍ସି ନାମକ ଜନୈକ ନୈଷ୍ଠିକ ସାହାବି ମଧ୍ୟ ସାମିଲ୍ ଥିଲେ । ହ. ସଲ୍‌ମାନ୍ ଫାର୍ସି ଅଣ ଆରବ୍ୟ ଯୁଦ୍ଧ କୌଶଳ ସହିତ ଅବଗତ ଥିଲେ । ତେଣୁ ସେ ଆଁହଜରତ ସ.ଅଙ୍କୁ ଏହି ପରାମର୍ଶ ଦେଲେ ଯେ, ମଦିନାର ଅସୁରକ୍ଷିତ ଭାଗ ସମ୍ମୁଖରେ ଏକ ସୁଦୀର୍ଘ ଏବଂ ଗଭୀର ଗର୍ତ୍ତ ଖୋଳି ନିଜକୁ ସୁରକ୍ଷିତ କରିନିଆଯାଉ । ଗର୍ତ୍ତ ଖୋଳିବାର ବିଚାର ଆରବ୍ୟମାନଙ୍କ ନିମନ୍ତେ ସଂପୂର୍ଣ୍ଣ ନିଆରା ଥିଲା । କିନ୍ତୁ ଏହା ମନେ ହେଉଛି ଯେ, ଉକ୍ତ ପଦ୍ଧତିଟି ଅଣଆରବ୍ୟ ଦେଶମାନଙ୍କରେ ସାଧାରଣ ରୂପେ ସଫଳତାପୂର୍ବକ ପ୍ରଚଳିତ ଅଟେ । ତେଣୁ ଆଁହଜରତ ସ.ଅ ହ. ସଲ୍‌ମାନ ଫାର୍ସି ର.ଅଙ୍କ ଉକ୍ତ ପ୍ରସ୍ତାବକୁ ସ୍ୱୀକାର କରିନେଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ମୁଁ ଏହା ଚର୍ଚ୍ଚା କରିଥିଲି ଯେ, ଆପଣ ସ.ଅଙ୍କୁ ଅଲ୍ଲାଃତାଲା ମଧ୍ୟ କହିଥିଲେ ଯେ, ଉକ୍ତ ପନ୍ଥାଟି (ଗର୍ତ୍ତ ଖନନ କରିବା ପନ୍ଥା) ସଠିକ୍ ଅଟେ । ସେ ଯାହା ହେଉ ନା କାହିଁକି ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ମଦିନା ତିନି ଦିଗରୁ ସୁରକ୍ଷିତ ଥିଲା । ଅର୍ଥାତ୍ ବାସଭବନର ଅହରହ କାନ୍ଥ ଏବଂ ଘଞ୍ଚ ବୃକ୍ଷ ଏବଂ ପର୍ଯ୍ୟାୟ କ୍ରମ ଚଟ୍ଟାଣ ଯୋଗୁଁ ଉକ୍ତ ଦିଗଟି ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀର ସହସା ଆକ୍ରମଣରୁ ସୁରକ୍ଷିତ ଥିଲା । କେବଳ ସିରୀୟ ଦିଗଟି ଏପରି ଥିଲା ଯେ, ଶତ୍ରୁ ପକ୍ଷ ଉକ୍ତ ଦିଗ ଦେଇ ଆକ୍ରମଣ କରିପାରି ଥାଆନ୍ତା । ଅତଃ ଆଁହଜରତ ସ.ଅ ଉକ୍ତ ଅସୁରକ୍ଷିତ ଦିଗରେ ଗର୍ତ୍ତ ଖୋଳିବା ନିମନ୍ତେ ଆଦେଶ ଦେଲେ ଏବଂ ଆପଣ ସ.ଅ ସ୍ୱୟଂ ନିଜର ତତ୍ତ୍ୱାବଧାନରେ ଉକ୍ତ ସ୍ଥାନକୁ ଚିହ୍ନିତ କରି କାର୍ଯ୍ୟର ସୁବିଧା ଦୃଷ୍ଟିରୁ ଗର୍ତ୍ତ ଖୋଳିବା ପ୍ରକ୍ରିୟାକୁ 10 ହାତ ଲେଖାଏଁ ଅର୍ଥାତ୍ 15 ଫୁଟ୍ ଭାଗରେ ବିଭକ୍ତ କରି ପ୍ରତ୍ୟେକ ଭାଗରେ 10 ଜଣ ସାହାବାମାନଙ୍କୁ ଉପରେ ଗର୍ତ୍ତ ଖନନ କରିବା ଦାୟିତ୍ୱ ନ୍ୟସ୍ତ କଲେ । ସେହି 10 ଜଣ ସଦସ୍ୟ ଦଳଙ୍କ ବିଭକ୍ତି କରଣରେ ଏହି ସୁପ୍ରୀତିକର ମତଭେଦ ସୃଷ୍ଟି ହେଲା ଯେ, ହ. ସଲ୍‌ମାନ୍ ଫାର୍ସି ର.ଅ କେଉଁ ଦଳରେ ଗଣ୍ୟ ହେବେ । ପ୍ରତ୍ୟେକ ଦଳ ଏହା ଚାହୁଁଥିଲା ଯେ, ହ. ସଲମାନ୍ ଫାର୍ସି ତାଙ୍କ ଦଳରେ ସାମିଲ୍ ହୁଅନ୍ତୁ । ହ. ସଲ୍‌ମାନ୍ ଫାର୍ସି ର.ଅ ପ୍ରବାସକାରୀ ବୋଲାଇବେ ନା ସେ ଇସଲାମ୍ ଧର୍ମର ଆଗମନ ପୂର୍ବରୁ ହିଁ ମଦିନା ଆସିଥିବା ହେତୁ ସେ ଅନ୍‌ସାର୍‌ମାନଙ୍କ ମଧ୍ୟରେ ଗଣ୍ୟ ହେବେ । ହ. ସଲ୍‌ମାନ୍ ଫାର୍ସି ର.ଅ ଯଦିଚ ଉକ୍ତ ଯୁଦ୍ଧ ପନ୍ଥା ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କୁ ପ୍ରବର୍ତ୍ତାଇ ଥିଲେ । ସେମିତି ଦେଖିବାକୁ ଗଲେ ହ. ସଲ୍‌ମାନ୍ ଫାର୍ସି ର.ଅ ଜଣେ ତତ୍ପର ଏବଂ ବୁଦ୍ଧି ହେବା ସତ୍ତ୍ୱେ ଜଣେ ଦକ୍ଷ ବ୍ୟକ୍ତି ଥିଲେ । ପ୍ରତ୍ୟେକ ଦଳ ଏବଂ ପ୍ରତ୍ୟେକ ସଂପ୍ରଦାୟ ତାଙ୍କୁ ନିଜ ଦଳରେ ସାମିଲ୍ କରିବା ନିମନ୍ତେ ଉତ୍ସୁକ ଭାବ ପ୍ରକାଶ କରୁଥିଲା । ପରିଶେଷରେ ଉକ୍ତ ମତଭେଦ ଯେତେବେଳେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେଲା ସେତେବେଳେ ଆପଣ ସ.ଅ ଉଭୟ ପକ୍ଷଙ୍କ କଥା ଶୁଣି ସ୍ମିତହାସ୍ୟ ପ୍ରକାଶ କରି କହିଲେ, ସଲ୍‌ମାନ୍ ଉଭୟ ଦଳଙ୍କ ମଧ୍ୟରୁ ଅନ୍ୟତମ ନୁହନ୍ତି । ସେ ନା ପ୍ରବାସକାରୀ ଅଟନ୍ତି ଓ ନା ହିଁ ସେ ଅନ୍‌ସାର୍ ଅଟନ୍ତି । ବରଂ ଆପଣ ସ.ଅ କହିଲେ, سَلْمَانُ مِنَّا أَهْلَ الْبَيْتِ ସଲ୍‌ମାନ୍ ଫାର୍ସି ର.ଅଙ୍କୁ ମୋ ପରିବାର ମଧ୍ୟରେ ଗଣ୍ୟ କରାଯାଉ। ସେହି ଦିନ ଠାରୁ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କୁ ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇଛି ଯେ, ଆପଣ ର.ଅଙ୍କୁ ଆଁହଜରତ ସ.ଅଙ୍କ ପରିବାରର ଏକ ସଦସ୍ୟ ରୂପେ ଗଣ୍ୟ କରାଯିବାକୁ ଲାଗିଲା ।

ଅତଏବ୍ ଖନ୍ଦକ୍ (ଗର୍ତ୍ତ) ଖୋଳିବାର ପ୍ରସ୍ତାବ ଏବଂ ଚୂଡ଼ାନ୍ତ ନିର୍ଣ୍ଣୟ ହେବା ପରେ ସାହାବାମାନଙ୍କର ଜମାଅତ୍ ଶ୍ରମିକ ବେଶଭୂଷା ପରିଧାନ କରି କର୍ମକ୍ଷେତ୍ରକୁ ବାହାରି ଆସିଲା । ଗର୍ତ୍ତ ଖନନ କାର୍ଯ୍ୟ କିଛି ସହଜ କାର୍ଯ୍ୟ ନଥିଲା । ଏହା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ ଥିଲା । ଆଉ ପୁଣି ଶୀତ ଋତୁ ମଧ୍ୟ ଥିଲା । ସୁତରାଂ ଶୀତଋତୁ ହେବା ଯୋଗୁଁ ଏହି ଦିନମାନଙ୍କରେ ସାହାବାମାନଙ୍କୁ ଅତ୍ୟନ୍ତ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ସାହାବାମାନଙ୍କର କାମଦାମ ଏବଂ ବାଣିଜ୍ୟ ବ୍ୟବସାୟ ମଧ୍ୟ ବନ୍ଦ ହୋଇଯାଇଥିଲା। ସୁତରାଂ ଯେଉଁ ସାହାବାମାନେ ପ୍ରତିଦିନ କାମ କରି ଜୀବିକା ଉପାର୍ଜନ କରୁଥିଲେ। ତେଣୁ ଏହିପରି ସାହାବାମାନଙ୍କର କୌଣସି ଅଭାବ ନଥିଲା । ତେଣୁ ପ୍ରତି ଦିନ କାମ କରି ଯଉଁ ସାହାବାମାନେ ଅର୍ଥୋପାର୍ଜନ କରି ନିଜର ଜୀବକା ଉପାର୍ଜନ କରୁଥିଲେ ଏବଂ ଗୁଜୁରାଣ ମେଣ୍ଟାଉଥିଲେ । ସେହି ସାହାବାମାନଙ୍କୁ ସେହି ଦିନମାନଙ୍କରେ ଭୋକ ଏବଂ ଶୋଷ ମଧ୍ୟ ସହ୍ୟ କରିବାକୁ ପଡ଼ିଥିଲା । ସାହାବାମାନଙ୍କର ନିକଟରେ ସେବକ ଓ ଦାସ ନଥିଲେ । ତେଣୁ ସମସ୍ତ ସାହାବାମାନଙ୍କୁ ନିଜ ହାତରେ ହିଁ କାମ କରିବାକୁ ପଡୁଥିଲା । ସାହାବାମାନଙ୍କର ଯେଉଁ 10 ଜଣ ଲେଖାଏଁ ଦଳ ଗଠିତ ହୋଇଥିଲା ସେମାନେ ନିଜର ଆଭ୍ୟନ୍ତରୀଣ କାର୍ଯ୍ୟକୁ ଏହିପରି ଭାବରେ ବିଭକ୍ତିକୃତ କିରଥିଲେ ଯେ, କିଛି ସାହାବାମାନେ ଖନନ କାର୍ଯ୍ୟ କରୁଥିଲେ ଏବଂ ଆଉ କିଛି ସାହାବାମାନେ ଖୋଳା ହୋଇଥିବା ମାଟି ଏବଂ ପଥରକୁ ଟୋକେଇରେ ଭର୍ତ୍ତି କରି ନିଜର କାନ୍ଧ ଉପରେ ଲଦି ଫୋପାଡୁଥିଲେ । ଆଁହଜରତ ସ.ଅ ମଧ୍ୟ ନିଜର ଅଧିକାଂଶ ସମୟ ଖନନ ସ୍ଥଳୀରେ ହିଁ ଅତିବାହିତ କରୁଥିଲେ । ଆପଣ ସ.ଅ ବେଳେବେଳେ ସାହାମାନଙ୍କ ସହିତ ସ୍ୱୟଂ ଖନନ କାର୍ଯ୍ୟ କରୁଥିଲେ ଏବଂ ମାଟିର ଡଳାଇ କାର୍ଯ୍ୟ କରୁଥିଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-574-575)**

ଗର୍ତ୍ତ ଖନନ ସମୟରେ ସାହାବାମାନଙ୍କୁ ସତେଜ ରଖିବା ନିମନ୍ତେ କବିତା ଆବୃତ୍ତି ମଧ୍ୟ କରାଯାଉଥିଲା । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ସହଲ୍ ବିନ୍ ସାଆଦ୍ ର.ଅ ଓ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଆମ ନିକଟକୁ ଆସିଲେ ସେତେବେଳେ ଆମେମାନେ ଗର୍ତ୍ତ ଖୋଳୁଥିଲୁ ଏବଂ ନିଜ କାନ୍ଧରେ ମାଟି ରଖି ଅନ୍ୟ ସ୍ଥାନରେ ଫିଙ୍ଗୁଥିଲୁ ଆପଣ ସ.ଅ ଯେତେବେଳେ ଆମମାନମଙ୍କର ଏହି ପରିଶ୍ରମ ଏବଂ ଭୋକିଲା ଅବସ୍ଥାକୁ ଅବଲୋକନ କଲେ ସେତେବେଳେ ଆପଣ ସ.ଅ କହିଲେ,

اَللّٰهُمَّ لَا عَيْشَ إِلَّا عَيْشُ الْآخِرَهْ
فَاغْفِرِ الْاَنْصَارَ وَالْمُهَاجِرَهْ

ଅର୍ଥାତ୍ ହେ ଅଲ୍ଲାଃ ! ବିଳାସ ତ' କେବଳ ଶେଷ ଦିବସର ବିଳାସ ଅଟେ । ଅତଏବ୍ ତୁମ୍ଭେ ଅନ୍‌ସାର ଓ ପ୍ରବାସକାରୀଙ୍କୁ କ୍ଷମା କରିଦିଅ । ପ୍ରତ୍ୟୁତ୍ତରରେ ସାହାବାମାନେ ଆଁହଜରତେ ସ.ଅଙ୍କୁ କହିଲେ,

نَحْنُ الَّذِيْنَ بَايَعُوْا مُحَمَّدَا
عَلَى الْجِهَادِ مَا بَقِيْنَا أَبَدَا

ଅର୍ଥାତ୍ ଆମେମାନେ ହେଉଛେ ସେହି ଲୋକ ଯେଉଁମାନେ ଜିହାଦ୍ ପାଇଁ ମୁହମ୍ମଦ୍ ସ.ଅଙ୍କ ହସ୍ତରେ ବୈଅତ୍ କରିଛେ ଓ ଆମେମାନେ ଯେପର୍ଯ୍ୟନ୍ତ ଜୀବିତ ଅଛୁ ସେପର୍ମଯ୍ୟନ୍ତ ଆଁହଜରତ ସ.ଅଙ୍କ ସହିତ ମିଶି ଜିହାଦ୍ କରୁଥିବୁ ।

ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଖନ୍ଦକ୍ ସମୟରେ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ମାଟି ଉଠାଉଥିବାରେ ଦେଖିଲି । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ପବିତ୍ର ଉଦର (ପେଟ)ର ଧବଳତା ମାଟି ଯୋଗୁଁ ଲୁଚିଗଲା । ମୁଁ ଆଁହଜରତ ସ.ଅଙ୍କୁ ଇବ୍‌ନେ ରୱାହାଙ୍କ ଏହି କବିତା ଆବୃତ୍ତି କରୁଥିବାରୁ ଶୁଣିଲି-

وَاللهِ لَوْلَا مَا اهْتَدَيْنَا
وَلَا تَصَدَّقْنَا وَلَا صَلَّيْنَا
فَأَنْزِلَنْ سَكِيْنَةً عَلَيْنَا
وَثَبِّتِ الْأَقْدَامَ إِنْ لَاقِيْنَا
وَالْمُشْرِكُوْنَ قَدْ بَغَوْا عَلَيْنَا
إِذَا أَرَادُوْا فِتْنَةً أَبَيْنَا

ଅର୍ଥାତ୍ ହେ ଆମ୍ଭର ଈଶ୍ୱର ! ଯଦି ତୁମ୍ଭର କୃପା ଆମ୍ଭ ଉପରେ ହୋଇ ନଥାଆନ୍ତା ତେବେ ଆମ୍ଭେମାନଙ୍କୁ ସତ୍‌ମାର୍ଗ ପ୍ରାପ୍ତ ହୋଇ ନଥାଆନ୍ତା, ଆମ୍ଭମାନଙ୍କୁ ତୁମ୍ଭ ମାର୍ଗରେ ଦାନ ଧର୍ମ କରିବାକୁ ଓ ତୁମ୍ଭର ଉପାସନା କରିବାକୁ ଆମ୍ଭେମାନେ ଯୋଗ୍ୟ ବିବେଚିତ ହୋଇ ନଥାଆନ୍ତୁ । ଅତଃ ହେ ଈଶ୍ୱର ! ତୁମ୍ଭେ ଯେତେବେଳେ ଆମ୍ଭକୁ ଏହି ଅବସ୍ଥାରେ ଉପନୀତ କରାଇଅଛ ସେତେବେଳେ ତୁମ୍ଭେ ଉକ୍ତ ବିପତ୍ତି ଓ ଘଡ଼ି ସନ୍ଧି ମୁହୂର୍ତ୍ତରେ ଆମ୍ଭମାନଙ୍କର ହୃଦୟକୁ ଶାନ୍ତି ପ୍ରଦାନ କର ଏବଂ ଯଦି ଶତ୍ରୁ ସହିତ ମୁକାବିଲା ହୁଏ ତେବେ ଆମ୍ଭମାନଙ୍କର ପାଦକୁ ଅଟଳ ଓ ଅବିଚଳ ରଖିବ । ତୁମ୍ଭେ ଜାଣ କି ଏହି ଲୋକମାନେ ଆମ୍ଭମାନଙ୍କର ବିରୁଦ୍ଧରେ ଅନ୍ୟାୟ ଓ ଅତ୍ୟାଚାରପୂର୍ବକ ଆକ୍ରମଣ କରୁଛନ୍ତି । ସେମାନଙ୍କ ଏହି ଉଦ୍ଦେଶ୍ୟ ରହିଛି ଯେ, ଆମ୍ଭମାନେ ଧର୍ମରୁ ଓହରିଯିବୁ । କିନ୍ତୁ ହେ ଈଶ୍ୱର ! ତୁମ୍ଭର କୃପା ଯୋଗୁଁ ଆମ୍ଭମାନଙ୍କର ଏତାଦୃଶ ଅବସ୍ଥା ରହିଛି ଯେ, ସେମାନେ ଯେତେବେଳେ ଆମମାନଙ୍କୁ ଆମ୍ଭମାନଙ୍କର ଧର୍ମରୁ ଓହରିଯିବା ପାଇଁ କୌଣସି ଉପାୟ (ସନ୍ଦେଶ ଆଣନ୍ତି) ଅବଲମ୍ବନ କରନ୍ତି ତେବେ ସେପରିପ୍ରେକ୍ଷୀର ଆମ୍ଭେ ସେମାନଙ୍କ ଉପାୟ (ସନ୍ଦେଶ)କୁ ପ୍ରତ୍ୟାଖ୍ୟାନ କରିଦେଇଥାଉ । ସେମାନଙ୍କ ଫାଶରେ ଆମମାନେ ପଡ଼ିବାକୁ ନିଜେ ବର୍ତ୍ତିବାକୁ ଚେଷ୍ଟା କରିଥାଉ ଓ أَبَيْنَا أَبَيْنَا ଡାକରେ ଆପଣ ସ.ଅ ନିଜର ସ୍ୱରକୁ ଉଚ୍ଚ କରିଥାଆନ୍ତି । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, କବିତାର ଶେଷ ପଂକ୍ତିରେ ଆମ୍ଭେମାନେ ନିଜର ସ୍ୱରକୁ ଉଚ୍ଚ ଏବଂ ଦୀର୍ଘ କରିଥାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ଖନ୍ଦକ୍‌ର ଗର୍ତ୍ତ ଖନନ କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ ଥିଲା । ଅନ୍ୟାନ୍ୟ ସାହାବାମାନଙ୍କ ପରି ରସୁଲୁଲ୍ଲାଃ ସ.ଅ ମଧ୍ୟ ଖନ୍ଦକ୍ (ଗର୍ତ୍ତ) ଖନନ (ଖୋଳିବା) କାର୍ଯ୍ୟରେ ସାହାବାମାନଙ୍କ ସହିତ ଲାଗୁଥିଲେ । ଆପଣ ସ.ଅ କେତେବେଳେ କୋଦାଳ ପ୍ରୟୋଗ କରୁଥିଲେ ତ' ଆଉ କେତେବେଳେ ଆପଣ ସ.ଅ ବେଲ୍‌ଚା ମାଧ୍ୟମରେ ମାଟି ଏକତ୍ରିତ କରୁଥିଲେ ଓ ଟୋକେଇରେ ମାଟି ଭର୍ତ୍ତି କରି ଟୋକେଇ ଉଠାଉଥିଲେ । ଦିନେ ଆପଣ ସ.ଅ ଅତ୍ୟଧିକ କ୍ଳାନ୍ତ ହୋଇ ବସି ପଡ଼ିଲେ । ଆପଣ ସ.ଅ ନିଜର ବାମ ପାର୍ଶ୍ୱରେ ପ୍ରସ୍ତର (ପଥର)ର ଆଶ୍ରୟ ନେଲେ ଓ ଆପଣ ସ.ଅଙ୍କୁ ନିଦ ଆସିଗଲା।


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଅତଃ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅ ଆପଣ ସ.ଅଙ୍କ ମୁଣ୍ଡ ପଟେ ଛିଡ଼ା ହୋଇ ଲୋକମାନଙ୍କୁ ଆଁହଜରତ ସ.ଅଙ୍କ ପାଖ ଦେଇ ଅତିକ୍ରମ କରିବାକୁ ବାରଣ କରୁଥିଲେ । କାରଣ ସେମାନଙ୍କ ଯିବା ଆସିବା ଦ୍ୱାରା ଆଁହଜରତ ସ.ଅ ନିଦରୁ ନ ଉଠି ଯାଆନ୍ତୁ । କିଛି ସମୟ ପରେ ଆପଣ ସ.ଅ ନିଦରୁ ଉଠିଲେ ଏବଂ ଶୀଘ୍ର ଉଠି କହିଲେ, ହେ ଅବୁ ବକ୍କର ଓ ଉମର ! ତୁମେମାନେ ମୋତେ ନିଦ୍ରାରୁ କାହିଁକି ଉଠେଇଲ ନାହିଁ ? ମୁଁ ଶୋଇଥିଲି ଆଉ ତୁମେମାନେ ମୋତେ ଉଠେଇଲ ନି କାହିଁକି? ଏତଦ୍‌ପରେ ଆପଣ ସ.ଅ ଏକ ବଡ଼ କୁରାଢୀ ନେଇ ଭୂମି ଉପରେ ମାରିବାକୁ ଲାଗିଲେ । ଅର୍ଥାତ୍ କାମ ଆରମ୍ଭ କରିଦେଲେ । ଆଁହଜରତ ସ.ଅଙ୍କ ଯୋଗ ଦେବା ଏବଂ ଆପଣ ସ.ଅଙ୍କ ଦୁଆର କଲ୍ୟାଣରୁ ସାହାବାମାନେ ନିଜର ଦୁଃଖ, ଶ୍ରମ ଓ କ୍ଲାନ୍ତକୁ ଭୁଲି ଯାଇଥିଲେ । ଯେଉଁଠି ଗୋଟିଏ ପାର୍ଶ୍ୱରେ କବିତା ଆବୃତ୍ତି କରାଯାଉଥିଲା ଅନ୍ୟ ପାର୍ଶ୍ୱରେ ହାଲ୍‌କା ଫୁଲକା ଥଟ୍ଟା ମଜାକ ମଧ୍ୟ ଜାରି ରହିଥିଲା। ସୁତରାଂ ଏକଦା ହ. ଜୈଦ୍ ବିନ୍ ସାବିତ୍ ର.ଅ ଯେକି ସ୍ୱଳ୍ପାୟୁ ଯୁବକଟିଏ ଥିଲେ ସେ ଖନ୍ଦକ୍ (ଗର୍ତ୍ତ) ଖୋଳୁ ଖୋଳୁ ଗର୍ତ୍ତ ମଧ୍ୟରେ ହିଁ ଶୋଇ ପଡ଼ିଲେ । ତେବେ ତାଙ୍କର ସାଥୀମାନେ ତାଙ୍କ ଖନନ ଜିନିଷକୁ ମଜାକରେ ଧରିନେଲେ । ଯେତେବେଳେ ହ. ଜୈଦ୍ ବିନ୍ ସାବିତ୍ ର.ଅ ନିଦରୁ ଉଠିଲେ ସେତେବେଳେ ସେ ନିଜର କୋଦାଳ ଏବଂ ଖନନ ଯନ୍ତ୍ରପାତି ନପାଇ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ । ଅପର ପକ୍ଷେ ଅନ୍ୟ ସାଥୀମାନେ ଆନନ୍ଦିତ ହେବାକୁ ଲାଗିଲେ । ନବୀ କରୀମ୍ ସ.ଅ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ଜାଣି ବାକୁ ପାଇଲେ ସେତେବେଳେ ଆପଣ ସ.ଅ ହ. ଜୈଦ୍ ର.ଅଙ୍କୁ କହିଲେ, ବତ୍ସ ! ତୁମେ ଏପରି ନିଘୋଡ଼ ନିଦରେ ଶୋଇ ପଡ଼ିଲ ଯେ, ତୁମକୁ ନିଜ ଜିନିଷ ପତ୍ରର ହୋଶ୍ ରହିଲା ନାହିଁ । ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ସ୍ୱୟଂ ହ. ଜୈଦ୍ ର.ଅଙ୍କ ପାଖକୁ ଆସିଲେ ଏବଂ ସ୍ମିତହାସ୍ୟ ପ୍ରକାଶ କରି କହିଲେ: يَا أَبَا رُقَادٍ ! ହେ ନିଘୋଡ଼ ନିଦରେ ଶୋଇଥିବା ଯୁବକ ! କିନ୍ତୁ ଏହିପରି ଥଟ୍ଟା ମଧ୍ୟ କଲେ ଏବଂ ତାତ୍ତ୍ୱିକପୂର୍ଣ୍ଣ ଢଙ୍ଗରେ ତ୍ରୁଟି ସଂଶୋଧନ ମଧ୍ୟ କଲେ ଏବଂ କହିଲେ, ଜୈଦ୍‌ର ଜିନିଷ ସଂପର୍କରେ କାହାକୁ ଜଣା ଓ କିଏ କହିବ ? ସୁତରାଂ ଜଣା ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ନିକଟରେ ତା'ର କିଛି ଜିନିଷ ଅଛି ଓ ମୁଁ ତା'ର ଜିନିଷ ଉଠେଇ ନେଇଥିଲି । ଆପଣ ସ.ଅ କହିଲେ, କୌଣସି ମୁସଲମାନ ବ୍ୟକ୍ତିକୁ ଏପରି ହଇରାଣ ହର୍କତ କରିବା ଉଚିତ୍ ନୁହଁ ଯେ, ତା'ର ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରପାତିକୁ ହରଣ କରିନିଆଯାଉ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-420, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)(ସବୁଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-365-367, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଇମତାଉଲ୍ ଅସମା, ଭାଗ-1, ପୃ-227, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ସାହାବାମାନଙ୍କର ଅହରହ କୈଶୋରପୂର୍ଣ୍ଣ ପରିଶ୍ରମ ଏବଂ ହୁଜୁର ସ.ଅଙ୍କ ଦୁଆ ବଳରେ ଖନ୍ଦକ୍ (ଗର୍ତ୍ତ) ଖନନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଗଲା । ମୁସଲମାନମାନେ ଉକ୍ତ ଗର୍ତ୍ତକୁ ଖୋଳି ତାହାକୁ ମଜଭୁତ କରିଦେଲେ । ଖନ୍ଦକ୍ ଖୋଳିବାରେ କେତେ ସମୟ ଲାଗିଲା ସେ ସଂକ୍ରାନ୍ତରେ ବର୍ଣ୍ଣନା ରହିଛି । ଅତଏବ ଖନ୍ଦକ୍ ଖୋଳିବାରେ 6 ଦିନ, 15 ଦିନ, 1 ମାସ ଲାଗିଥିଲା । 15 ଦିନ ଓ 1 ମାସର ଯେଉଁ ବର୍ଣ୍ଣନାର ଉଲ୍ଲେଖ ରହିଛି ତାହା ବହୁଳ ରୂପେ ବର୍ଣ୍ଣିତ ହୋଇଛି ଏବଂ ଏହି ସମୟ ଦ୍ୱୟ ସଂପର୍କରେ ଅନେକ ବର୍ଣ୍ଣନାକାରୀମାନେ ଏକମତ ଅଟନ୍ତି । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-422, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ଉକ୍ତ ଖନ୍ଦକ୍‌ର ଲମ୍ବ ଓ ଦୈର୍ଘ୍ୟ ପ୍ରାୟ ହେଜାର୍ ଗଜ ଅର୍ଥାତ୍ 60000×3=18000 ଫୁଟ୍ କିମ୍ବା ସାଢେ 3 ମାଇଲ୍ ଥିଲା । ପ୍ରସ୍ଥ 9 ହାତ ଓ ଗଭୀରତା 7 ହାତ ଥିଲା । ସେହିପରି ଗଭୀରତା ସଂପର୍କରେ ଏହା ବର୍ଣ୍ଣିତ ହୋଇଛି ଯେ, ଖନ୍ଦକ୍‌ର ଗଭୀରତା ଏକ ହାତ ଅର୍ଥାତ୍ ଦେଢ ଫୁଟ ବୋଲି ବର୍ଣ୍ଣନା କରାଯାଇଛି । ସେହିପରି ପ୍ରସ୍ଥ 13 କିମ୍ବା 14 ଫୁଟ୍ ଗଭୀରତା ବୋଲି ବର୍ଣ୍ଣିତ ହୋଇଛି । **(ଏଟଲସ୍ ସିରତ୍ ନବୱୀ ସ.ଅ, ପୃ-278, ପ୍ରକାଶନ ସ୍ଥାନ-ଦାରୁସ୍ ସଲାମ୍)(ଅହଜାବ୍ ଯୁଦ୍ଧ, ଲେଖକ ମୁହମ୍ମଦ ଅହେମଦ ବାଶମିଲ୍ ସାହେବ, ପୃ-171, ପ୍ରକାଶନ ସ୍ଥାନ- ନଫିସ୍ ଏକାଡ଼େମୀ, କରାଚୀ) (ଅସ୍ ସହି ମିନ୍ ସିରତୁନ୍ ନବୀଉଲ୍ ଆଜମ୍ ସ.ଅ, ଭାଗ-10, ପୃ-208, ଅଲ୍ ମର୍କଜୁଲ୍ ଇସଲାମି, ଲିଲ୍ ଦିରାସାତ୍)**

ଉକ୍ତ ସୁଦୀର୍ଘ ଓ ପ୍ରଶସ୍ତ ଖନ୍ଦକ୍ ଶତଦୀ ଶତାବ୍ଦୀ ଧରି ବିଦ୍ୟମାନ ରହିଥିଲା ଏପର୍ଯ୍ୟନ୍ତକି ବତ୍‌ହାନ୍ ଉପତ୍ୟକାର ଅହରହ ସ୍ରୋତ ଧାରରେ କଟିଯିବା ଫଳରେ ତାହା କାଳକ୍ରମେ ବିଲୁପ୍ତ ହୋଇଗଲା । ବତ୍‌ହାନ୍ ହେଉଛି ମଦିନାର ତିନୋଟି ବିଖ୍ୟାତ ଉପତ୍ୟକା ମଧ୍ୟରୁ ଅନ୍ୟତମ ଉପତ୍ୟକା । ସେହିପରି ଅନ୍ୟ ଦୁଇ ଉପତ୍ୟକାମାନେ ହେଲେ ଅକିକ୍ ଓ କନାତ୍ ଉପତ୍ୟାକ । **(ଜୀବନୀ ଶବ୍ଦକୋଷ, ପୃ-58-59,ଜୱାର୍ ଏକାଡ଼େମୀ)**

ସେହି ଗର୍ତ୍ତକୁ ତ' କିଛି ଲୋକମାନେ ଭର୍ତ୍ତି କରି ଦେଇଥିଲେ । କାରଣ ଗର୍ତ୍ତର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଅତିକ୍ରମ କରିବା ନିମନ୍ତେ ମାର୍ଗ ତିଆରି ହୋଇଯାଉ ଏବଂ ଅନ୍ୟ ଜରାଜୀର୍ଣ୍ଣ ଉପତ୍ୟକା, ବତ୍‌ହାନର ନାଳଗୁଡ଼ିକ ମଧ୍ୟ ପ୍ରଖର ସ୍ରୋତ ଦ୍ୱାର ଏବଂ ଝରଣାର କଳ କଳ ନାଦ ଏବଂ ଜଳ ଦ୍ୱାରା ଭର୍ତ୍ତି ହୋଇଗଲା । 'ଭଲ୍' କୁହନ୍ତି ନଈରୁ ବର୍ଷା ଜଳର ଯେଉଁ ପାଣି ଆସିଥାଏ ତାହା ସହିତ ପଙ୍କୁମାଟି ମଧ୍ୟ ଧୋଇ ହୋଇ ଚାଲି ଆସିଥାଏ ଏବଂ ତାହା ପ୍ଲାବିତ ଏବଂ ଏକତ୍ରିତ ହୋଇଥାଏ। ଫଳତଃ ନାଳଗୁଡ଼ିକୁ ପୋତି ହୋଇଯାଇଥାଏ । ଷଷ୍ଠ ଶତାବ୍ଦୀ ହିଜ୍ରୀ ବର୍ଷର ମଦିନାର ବିଖ୍ୟାତ ଇତିହାସବିତ୍ ହାଫିଜ୍ ଇବ୍‌ନେ ନଜ୍ଜାର୍ ଉଲ୍ଲେଖ କରନ୍ତି ଯେ, "ଖନ୍ଦକ୍‌ର ଯେଉଁଠି ପ୍ରଶ୍ନ ରହିଛି ତାହା ଆଜି ମଧ୍ୟ ଆମ ଯୁଗରେ ବିଦ୍ୟମାନ ରହିଛି । ହେଲେ ତାହା ଆଜି ଏକ ନାଳ ଆକୃତି ଧାରଣ କରି ନେଇଛି । ଉକ୍ତ ଗର୍ତ୍ତର କାନ୍ଥଗୁଡ଼ିକ ଅନେକ ସ୍ଥାନରୁ ନିଶ୍ଚିହ୍ନ ହୋଇଯାଇଛି ଓ ଖଜୁରୀ କୋଳି ବୃକ୍ଷର ଆଧିକ୍ୟତା ସେହି ନାଳରେ ବୃଦ୍ଧି ପାଇଛି । ନବମ ଶତାବ୍ଦୀ ହିଜ୍ରୀର ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ଆଜି ଉକ୍ତ ଖନ୍ଦକ୍‌ର (ଗର୍ତ୍ତର) କିଛି ବି ସ୍ମୃତି ମଧ୍ୟ ନାହିଁ । 600 ବର୍ଷ ପର୍ଯ୍ୟନ୍ତ ଏହା ଅବ୍ୟାହତ ରହିଛି । ଇତିହାସବିତ୍ ହାଫିଜ୍ ବିନ୍ ନଜ୍ଜାର୍ କୁହନ୍ତି, ନବମ ଶତାବ୍ଦୀର କୌଣସି ଚିହ୍ନବର୍ଣ୍ଣ ନାହିଁ ହେଲେ ଦୁର୍ଗଗୁଡ଼ିକର ସ୍ଥାନ ନଦୀରୁ ଜ୍ଞାତ ହୋଇଥାଏ । ଏହା ବତ୍‌ହାନ ଉପତ୍ୟକାର ଏକ ଅଂଶବିଶେଷ ଓ ସେହି ସ୍ଥାନରେ ନଦୀ ପ୍ରବାହିତ ହେଉଅଛି ।"**(କୁସ୍ତୁକୁଏ ମଦିନା, ପୃ-405, ଓରିଏଣ୍ଟାଲ୍ ପବ୍ଲିକେଶନସ୍, ପାକିସ୍ତାନ)**

ଉଲ୍ଲେଖ ରହିଛି ଯେ, ମଦିନାରେ ଏହି ଦିନମାଙ୍କରେ ପ୍ରତ୍ୟେକ ବ୍ୟକ୍ତି ବ୍ୟସ୍ତ ବିବ୍ରତ ଓ ଚିନ୍ତିତ ରହିଥିଲା । କପଟ ବିଶ୍ୱାସୀମାନେ ବାହାନା କରି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଓ ଘର ଆଡ଼କୁ ଯିବା ଆରମ୍ଭ କରିଦେଇଥିଲେ । କିନ୍ତୁ ସାହାବାମାନଙ୍କର ସାମୂହିକ ଉତ୍ସାହ ଏବଂ ଆବେଗ ଅତୀବ ଦର୍ଶନୀୟ ଥିଲା । ଆବାଳ ବୃଦ୍ଧ ବନୀତା ସାହାବାମାନଙ୍କ ସହିତ ସମସ୍କନ୍ଧ ହୋଇ ସେମାନଙ୍କୁ ଉତ୍ସାହିତ ଏବଂ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବ୍ୟସ୍ତ ଥିଲେ । ଆଁହଜରତ ସ.ଅଙ୍କ ପବିତ୍ର ପତ୍ନିମାନେ ମଧ୍ୟ ବିପଦର ଏହି ସନ୍ଧିକ୍ଷଣ ମୁହୂର୍ତ୍ତରେ ଅପୂର୍ବ ଓ ଅଦମ୍ୟ ସାହାସର ସହିତ ନବୀ କରୀମ୍ ସ.ଅଙ୍କ ସହିତ ଛିଡ଼ା ହୋଇଥିବାର ଦୃଶ୍ୟମାନ ହେଉଛନ୍ତି । ଖନ୍ଦକ୍ (ଗର୍ତ୍ତ) ମଦିନା ବାହାରେ ଖୋଳା ଯାଉଥିଲା ଏବଂ ଆଁହଜରତ ସ.ଅ ଅଧିକାଂଶ ସମୟ ଏହିଠାରେ ହିଁ ଅତିବାହିତ କରୁଥିଲେ । ମଦିନାର ମହିଳା ଛୋଟ ପିଲାମାନଙ୍କୁ କେତେକ ମଜଭୁତ ଦୁର୍ଗରେ ସ୍ଥାନାନ୍ତରିତ କରି ଦିଆଯାଇଥିଲା । ସେଇଥି ପାଇଁ ହ. ଆଏଶା ର.ଅ ଆପଣ ସ.ଅଙ୍କ ନିକଟକୁ ଆସୁଥିଲେ ଏବଂ କିଛି ଦିନ ଆପଣ ସ.ଅଙ୍କ ସହିତ ସମୟ ବିତାଉଥିଲେ । ପୁନଶ୍ଚ ଉମ୍ମେ ସଲମା କିଛି ଦିନ ଆପଣ ସ.ଅଙ୍କ ପାଖରେ ସମୟ ଅତିବାହିତ କରୁଥିଲେ । ପୁନଶ୍ଚ ହ. ଜୈନବ୍ ର.ଅ ମଧ୍ୟ କିଛି ଦିନ ପାଇଁ ଆସି ଆପଣ ସ.ଅଙ୍କ ପାଖରେ ରହୁଥିଲେ ଓ ଅନ୍ୟ ସମସ୍ତ ପବିତ୍ର ପତ୍ନି ବନୁ ହାରିସାର ମଜଭୁତ ଦୁର୍ଗ ମଧ୍ୟରେ ଥିଲେ । କେତେକ ବର୍ଣ୍ଣନାକାରୀମାନେ କହିଲେ ଯେ, ଆପଣ ସ.ଅଙ୍କ ପତ୍ନିମାନେ ବନୁ କୁରୈକ୍‌ର ଦୁର୍ଗ ନସର୍ ଠାରେ ରହୁଥିଲେ । ସେହିପରି ଏହା ମଧ୍ୟ କୁହାଯାଏ ଯେ, ଆପଣ ସ.ଅଙ୍କ ପତ୍ନିମାନେ ଫାରିଗ୍ ଠାରେ ରହୁଥିଲେ । ଫାରିଗ୍ ହେଉଛି ମଦିନାରେ ହ. ହସ୍ସାନ ବିନ୍ ସାବିତ୍ ର.ଅଙ୍କ ଦୁର୍ଗ । ସୁତରାଂ ଦୁର୍ଗ ସଂକ୍ରାନ୍ତରେ ଏହିପରି ବିଭିନ୍ନ ବର୍ଣ୍ଣନା ଉଲ୍ଲେଖ ରହିଛି । **(ସବୁଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-365-367, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-58-59,ଜୱାର୍ ଏକାଡ଼େମୀ, କରାଚୀ)**

ଖନ୍ଦକ୍‌ର ଖନନ ସମୟରେ କେତେକ ଚମତ୍କାର ମଧ୍ୟ ଘଟିଥିଲା । ତନ୍ମଧ୍ୟରୁ ଗୋଟିଏ ଚମତ୍କାର ହେଲା- ଖନ୍ଦକ୍ (ଗର୍ତ୍ତ) ଖନନ ସମୟରେ ଗୋଟିଏ ଚଟ୍ଟାଣର ନଭାଙ୍ଗିବାର ଚମତ୍କାର ମଧ୍ୟ ବର୍ଣ୍ଣନା କରାଯାଇଛି । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଖନ୍ଦକ୍ ଖନନ ସମୟରେ ଏକ ଭୟଙ୍କର ପଥୁରିଆ ସ୍ଥାନ ଆସିଲା । ସାହାବାମାନେ ଉକ୍ତ ସ୍ଥାନକୁ ଖୋଳିବା ନିମନ୍ତେ ସତଚେଷ୍ଟା କଲେ କିନ୍ତୁ ତହିଁରେ ସେମାନେ ସଫଳ ହୋଇପାରିଲେ ନାହିଁ । ପରିଶେଷମାନେ ସାହାବାମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ସ୍ଥାନରେ ଆମେମାନେ ଖୋଳିବାକୁ ଅନେକ ଚେଷ୍ଟା କଲୁ କିନ୍ତୁ ନା ପଥର ହଟିଲା ଓ ନା ହିଁ ଆମେମାନେ ତହିଁରେ ସଫଳ ହୋଇପାରିଲୁ । ଅତଏବ୍ ଆପଣ ସ.ଅ କୋଦାଳ ନେଲେ ଓ ସେହି ପଥୁରିଆ ସ୍ଥାନ ଉପରେ ଏକ ପ୍ରହାର କଲେ । ଆପଣ ସ.ଅ ଯେତେବେଳେ ସେହି ଟାଙ୍ଗରା ପଥୁରିଆ ଚଟ୍ଟାଣ ଉପରେ ପ୍ରହାର କଲେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସେତେବେଳେ ତାହା ବାଲି ପରି ଝର ଝର ହୋଇ ଝଡ଼ିଗଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କିଛି ଜଳ ମଗେଇଲେ ଏବଂ ତହିଁରେ ବୁନ୍ଦାଏ ନିଜର ପବିତ୍ର ଲାଳ ପକାଇଲେ । ଏତଦ୍‌ପରେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ ଓ ସେହି ଜଳବୁନ୍ଦା ଉକ୍ତ ପଥୁରିଆ ଭୂମି ଉପରେ ଛିଞ୍ଚନ କଲେ । ଯେଉଁ ସାହାବାମାନେ ସେଠାରେ ସେତେବେଳେ ଉପସ୍ଥିତ ଥିଲେ ତନ୍ମଧ୍ୟରୁ କେତେକ ସହାବାମାନେ କୁହନ୍ତି ଯେ, ଆମେ ସେହି ସତ୍ତାଙ୍କ ଶପଥ କରି କହୁଛୁ ଯିଏ ଆଁହଜରତ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରି ଏହା ପ୍ରକାଶ କରିଦେଇଛନ୍ତି ଯେ, ଏହି ଜଳବୁନ୍ଦା ଭୂମି ଉପରେ ପଡ଼ିବା ମାତ୍ରେ ସେହି ଭୂମି କୋମଳ ହୋଇ ବାଲି ହୋଇଗଲା ।

**(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-420, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉକ୍ତ ଘଟଣାଟି ପ୍ରଥମ ଘଟଣା ଓ ପ୍ରଥମ ଚମତ୍କାର ଥିଲା । ଦ୍ୱିତୀୟ ଘଟଣାରେ ସମ୍ରାଟ୍‌ମାନଙ୍କୁ ସୁସମ୍ବାଦ ପ୍ରଦାନ କରାଯାଇଛି । ଏଥି ସଂକ୍ରାନ୍ତରେ ବର୍ଣ୍ଣନାରେ ଏହିପରି ଉଲ୍ଲେଖ ରହିଛି ଯେ, ଏକ ଅବସରରେ ହ. ସଲ୍‌ମାନ୍ ଫାର୍ସିଙ୍କ ହସ୍ତରୁ ଏକ ଚଟ୍ଟାଣ ଭାଙ୍ଗୁ ନଥିଲା । ତେଣୁ ହ. ସଲ୍‌ମାନ ଫାର୍ସି ର.ଅ ଆଁହଜରତ ସ.ଅଙ୍କ ଠାରୁ କୋଦାଳ ନେଲେ ଓ ପଥୁରିଆ ଚଟ୍ଟାଣ ଉପରେ ପ୍ରହାର କଲେ । ଅତଏବ୍ ଏକ ବିଜୁଳୀ ସଦୃଶ ଆଲୋକ ଦୃଶ୍ୟମାନ ହେଲା । ଆପଣ ସ.ଅ କହିଲେ: ଅଲ୍ଲାଃହୁ ଅକବର ! ପାଖରେ ଛିଡ଼ା ହୋଇଥିବା ସାହାବାମାନେ ମଧ୍ୟ **ଅଲ୍ଲାଃହୁ ଅକ୍‌ବର୍** କହିଲେ । ଫଳତଃ ଉକ୍ତ ପଥରର ଏକ ଅଂଶ ଭାଙ୍ଗିଗଲା । ଆପଣ ସ.ଅ ପୁନଶ୍ଚ ଦ୍ୱିତୀୟ ଥର ପ୍ରହାର କଲେ ଏବଂ ସେହି ପ୍ରହାରରେ ମଧ୍ୟ ବିଜୁଳୀ ପର୍ ଚକ୍ ଚକ୍ ଆଲୋକ ରଶ୍ମୀ ବାହାରିଲା। ଆପଣ ସ.ଅ **ଅଲ୍ଲାଃହୁ ଅକ୍‌ବର୍** କହିଲେ ଓ ଚଟ୍ଟାଣର କିଛି ଅଂଶ ଭାଙ୍ଗିଗଲା । ଆପଣ ସ.ଅ ପୁନଶ୍ଚ **ଅଲ୍ଲାଃହୁ ଅକ୍‌ବର୍** କହିଲେ, ସାହାବାମାନେ ମଧ୍ୟ ପ୍ରତ୍ୟେକ ଥର **ଅଲ୍ଲାଃହୁ ଅକ୍‌ବର୍** କହିଲେ, ହ. ସଲ୍‌ମାନ ଫାର୍ସି ର.ଅ ଯେକି ନିକଟରେ ଛିଡ଼ା ହୋଇଥିଲେ, ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ଯେତେବେଳେ କୋଦାଳ ନେଇ ପ୍ରହାର କରୁଥିଲେ ସେତେବେଳେ ଚଟ୍ଟାଣରୁ ଏକ ଆଲୋକରଶ୍ମୀ ବାହାରୁଥିଲା ଓ ଆପଣ ସ.ଅ **ଅଲ୍ଲାଃହୁ ଅକ୍‌ବର୍** କହୁଥିଲେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ: ହେ ସଲ୍‌ମାନ୍ କ'ଣ ତୁମେ ସେହି ଆଲୋକ ରଶ୍ମୀକୁ ଦେଖିଛ କି? ତେବେ ପ୍ରତ୍ୟୁତ୍ତରରେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ । ମୁଁ ବି ସେହି ଆଲୋକ ରଶ୍ମୀକୁ ଦେଖିଛି । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସଲ୍‌ମାନ୍ ପ୍ରଥମ ଥର ଯେତେବେଳେ ଆଲୋକ ରଶ୍ମୀ ବାହାରିଥିଲା ସେତେବେଳେ ହିରାହ୍ ଓ କିସ୍ରାର ପ୍ରାସାଦ ମୋତେ ଅବଲୋକନ କରାଯାଇଥିଲା । ହ. ଜିବ୍ରାଇଲ୍ ଅ.ସ ମୋତେ କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣଙ୍କ ଧର୍ମାଲେମ୍ବୀମାନେ ଉକ୍ତ ପ୍ରାସାଦକୁ ଅଧିକାର କରିବେ । ଦ୍ୱିତୀୟ ଥର ଯେତେବେଳେ ଆଲୋକ ରଶ୍ମୀ ଦୃଶ୍ୟମାନ ହେଲା ସେତେବେଳେ ମୋତେ ରୋମ୍‌ର ଲୋହିତ ପ୍ରାସାଦ ଦୃଶ୍ୟମାନ ଦେଖାଇ ଦିଆଗଲା । ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ ସ.ଅ ! ଆପଣଙ୍କ ଧର୍ମାବଲମ୍ବୀମାନେ ଉକ୍ତ ପ୍ରାସାଦକୁ ଅଧିକାର କରିବେ । ସେହିପରି ତୃତୀୟ ଥର ଯେତେବେଳେ ଆଲୋକରଶ୍ମୀ ବାହାରିଲା ସେତେବେଳେ ମୋତେ ସନ୍‌ଆର ପ୍ରାସାଦ ଦେଖାଇ ଦିଆଗଲା । ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ ସ.ଅ! ଆପଣଙ୍କ ଧର୍ମାବଲମ୍ବୀମାନେ ଉକ୍ତ ପ୍ରାସାଦକୁ ଅଧିକାର କରିବେ। ଅତଃ ହେ ମୁହମ୍ମଦ୍ ସ.ଅ ! ତୁମ୍ଭକୁ ଶୁଭ ସୂଚନା ଦିଆଯାଉଛି । ସମସ୍ତେ ଏକ ସ୍ୱର ହୋଇ କହିଲେ, **ଅଲ୍‌ହମ୍‌ଦୁ ଲିଲ୍ଲାଃ** ! ସତ୍ୟ ପ୍ରତିଶ୍ରୁତି ଅଟେ । ଅଲ୍ଲାଃତାଲା ଅଭାବ ଓ ଅନଟନ ପରେ ଆମେମାନଙ୍କ ସହିତ ସାହାଯ୍ୟର ପ୍ରତିଶ୍ରୁତି କରିଛନ୍ତି । ରସୁଲୁଲ୍ଲାଃ ସ.ଅ ପାରସ୍ୟ ପ୍ରାସାଦଗୁଡ଼ିକର ନିଦର୍ଶନ ସଂକ୍ରାନ୍ତରେ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ ସମ୍ମୁଖରେ ଯେତେବେଳେ ବର୍ଣ୍ଣନା କରିବାକୁ ଲାଗିଲେ ସେତେବେଳେ ହ. ସଲ୍‌ମାନ୍ ଫାର୍ସି ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସତ୍ୟ କହିଛନ୍ତି । ଏହା ତା'ରି ନିଦର୍ଶନ ଅଟେ । ଅର୍ଥାତ୍ ଆପଣ ସ.ଅ ଯେଉଭଳି କହିଥିଲେ ସେହିଭଳି ହେଲା । ଉକ୍ତ ନିଦର୍ଶନ ହେଉଛି ସେହି ନିଦର୍ଶନ ଯାହାର ପୁଷ୍ଟି ହ. ସଲ୍‌ମାନ ଫାର୍ସି ର.ଅ କରିଛନ୍ତି । ହ. ସଲ୍‌ମାନ୍ ଫାର୍ସି ର.ଅ କହିଲେ, ମୁଁ ସାକ୍ଷ୍ୟ ପ୍ରଦାନ କରୁଅଛି ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ।

ରସୁଲୁଲ୍ଲାଃ ସ.ଅ ପୁନଶ୍ଚ କହିଲେ, ହେ ସଲ । ମାନ୍ ! ଏହି ବିଜୟ ଅଲ୍ଲାଃତାଲା ମୋ ବିୟୋଗ ପରେ ତୁମମାନଙ୍କୁ ପ୍ରଦାନ କରିବେ । ସିରୀୟାକୁ ଜୟ କରିନିଆଯିବ ଏବଂ ହିର୍କଲ୍ ନିଜ ଦେଶରୁ ପଳାୟନ କରିବ ଓ ତୁମେମାନେ ସିରୀୟା ଉପରେ ବିଜୟ ଲାଭ କରିବ । ଅର୍ଥାତ୍ ଜୟ କରିନେବ । ତୁମ ସହିତ କେହି କଳହ କରିବ ନାହିଁ ଓ କେହି ତୁମ ମାର୍ଗରେ ବାଧା ଓ ବିଘ୍ନ ସାଜିବ ନାହିଁ । ଏହି ପୂର୍ବ ଦିଗ ଜୟଯୁକ୍ତ ହେବ । କିସ୍ରାର ବଧ କରାଯିବ । ଏତଦ୍‌ପରେ ଆଉ କେହି କିସ୍ରା ହେବ ନାହିଁ । ଉକ୍ତ କଥା ଶୁଣି କପଟ ବିଶ୍ୱାସୀମାନେ ତାଚ୍ଛଲ୍ୟ ଏବଂ ଉପହାସ କରୁଥିଲେ । ଇତିହାସ ପୁସ୍ତକରେ ଉଲ୍ଲେଖ ରହିଛି ବିପତ୍ତି ଏବଂ ଅସହାୟ ଓ ଭୟ ଏବଂ ବିବ୍ରତର ଏହି ଅବସ୍ଥା ପ୍ରକାଶ୍ୟ ରୂପେ ସେହି ମହାନ୍ ଶୁଭ ସୂଚନା ଦ୍ୱାରା ବିଶ୍ୱାସକାରୀଙ୍କ ବିଶ୍ୱାସ ତ' ବୃଦ୍ଧି ପାଇଲା ଓ ସେମାନଙ୍କର ଆନନ୍ଦରେ ଆଧିକ୍ୟତାର କାରଣ ସାଜିଲା । କିନ୍ତୁ କପବିଶ୍ୱାସୀମାନେ ଉକ୍ତ ଶୁଭ ସୂଚନା ଏବଂ ଭବିଷ୍ୟବାଣୀ ଉପରେ ଉପହାସ କରିବା ଆରମ୍ଭ କରିଦେଲେ । କପଟବିଶ୍ୱାସୀମାନେ କହିଲେ, ହେ ମୁହମ୍ମଦ ସ.ଅ! ତୁମେ ଏହି ସୂଚନା ପ୍ରଦାନ କରୁଛ ଯେ, ୟସ୍ରିବ୍ (ମଦିନାର ପ୍ରାଚୀନ ନାମ)ରୁ ହିରାହ୍‌ର ପ୍ରାସାଦ ଓ କିସ୍ରାର ସହର ଦେଖୁଛ । ତୁମେ ସେହି ପ୍ରାସାଦ ଏବଂ ସହରକୁ ଜୟ କରିବାକୁ ସ୍ୱପ୍ନ ଦେଖୁଛ । କିନ୍ତୁ ତୁମେ ତ' ଏଠାରେ ନିଜର ଆତ୍ମାରକ୍ଷା ନିମନ୍ତେ ଗର୍ତ୍ତ ଖୋଳୁଛ । ତୁମ ମଧ୍ୟରେ ଆଉ ଏତେକି ବି ସାମର୍ଥ୍ୟ ଓ ଶକ୍ତି ନାହିଁ ଯେ, ତୁମେ ଏଠାରୁ ବାହାରି ପାରିବ ଓ ଏଠାରୁ କିଛି ଦୂରକୁ ମଇଦାନ୍ (ଝାଡ଼ା ପରିସ୍ରା) କରିବା ନିମନ୍ତେ ମଧ୍ୟ ଯାଇ ପାରିବ ନାହିଁ । ଇତ୍ୟବସରରେ କପଟବିଶ୍ୱାସୀଙ୍କର ଉକ୍ତ ପରିପ୍ରକାଶ ଜନିତ ଅବସ୍ଥାର ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍‌ରେ କରିଛନ୍ତି। ଅର୍ଥାତ୍ ଅଲ୍ଲାଃତାଲା କୁହନ୍ତି: وَإِذْ يَقُولُ الْمُنَافِقُونَ وَالَّذِينَ فِي قُلُوبِهِم مَّرَضٌ مَّا وَعَدَنَا اللَّهُ وَرَسُولُهُ إِلَّا غُرُورًا **(ଅଲ୍ ଅହଜାବ୍: 13)** ଅନୁବାଦ୍: ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ କପଟ ବିଶ୍ୱାସୀମାନେ ଓ ଯେଉଁମାନଙ୍କ ହୃଦୟ ବ୍ୟାଧିଗ୍ରସ୍ତ ହୋଇଥିଲା ସେମାନେ କହିଥିଲେ, ଅଲ୍ଲାଃ ଓ ତାହାଙ୍କର ରସୁଲ୍ ଆମମାନଙ୍କ ସହିତ କେବଳ ଏକ ମିଥ୍ୟା ଅଙ୍ଗୀକରା କରିଥିଲେ। କିନ୍ତୁ ଅବଲୋକନକାରୀମାନେ ପୁଣି ଦେଖିଲେ ଯେ, କିଛି ବର୍ଷ ମଧ୍ୟରେ ହ. ଅବୁ ବକ୍କର ର.ଅ ଏବଂ ହ. ଉମର୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ଏହି ସମସ୍ତ ସହର ଓ ପ୍ରାସାଦ ଜୟଯୁକ୍ତ ହୋଇଥିଲା। ଏହି ଅସହାୟ ଏବଂ ବୁଭୁକ୍ଷୁ ବିଶ୍ୱାସକାରୀମାନେ ସେହି ପ୍ରସାଦର ଅଧିକାରୀ ହେଲେ। ହ. ସଲ୍‌ମାନ୍ ଫାର୍ସି ର.ଅ ବର୍ଣ୍ଣନା କରନ୍ତି ଯେ, ଏହି ସମସ୍ତ ବିଜୟ ମୁଁ ସ୍ୱଚକ୍ଷୁରେ ଦେଖିଅଛି । **(ଅଲ୍ ଇକ୍‌ତିଫା, ଭାଗ-1, ପୃ-422) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-368, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଉପରୋକ୍ତ ଘଟଣାବଳୀ ଯାହାକି ପଥର ଭାଙ୍ଗିବା ସଂକ୍ରାନ୍ତୀୟ ଘଟଣାବଳୀ ଅଟେ ଏବଂ ଚମତ୍କାର ଦୃଶ୍ୟମାନ ହୋଇଥିଲା । ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ନିଜସ୍ୱ ଢଙ୍ଗରେ ଉପସ୍ଥାପିତ କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଅଭାବ, ଅନଟନ ଓ ଅତି ବୁଭୁକ୍ଷୁତା ଅବସ୍ଥାରେ ଖନ୍ଦକ୍ (ଗର୍ତ୍ତ) ଖୋଳୁ ଖୋଳୁ ଏକ ସ୍ଥାନରେ ଏପରି ଏକ ପଥର ବାହାରିଲା ଯାହା ସହଜରେ ଭାଙ୍ଗୁ ନଥିଲା। ସାହାବାମାନଙ୍କର ଏହି ଅବସ୍ଥା ଥିଲା ଯେ, ସେମାନେ ତିନି ତିନି ଦିନ ପର୍ଯ୍ୟନ୍ତ ଅହରହ ଭୋକ ଉପାସ ଦ୍ୱାରା ଅତ୍ୟନ୍ତ କ୍ଲାନ୍ତ ହୋଇଯାଇଥିଲେ। ପରିଶେଷରେ ବାଧ୍ୟ ହୋଇ ସାହାବାମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଗୋଟିଏ ପଥର ରହିଛି ଆମେମାନେ ଯେତେ ଚେଷ୍ଟା କଲୁ କିନ୍ତୁ ତାହା ଆଦୌ ଭାଙ୍ଗୁ ନାହିଁ । ଆଁହଜରତ ସ.ଅଙ୍କ ସେତେବେଳେ ଏହି ଅବସ୍ଥା ଥିଲା ଯେ, ଆପଣ ସ.ଅ ବୁଭୁକ୍ଷତା ଯୋଗୁଁ ନିଜ ଉଦର୍ (ପେଟ) ଉପରେ ଏକ ପଥର ଖଣ୍ଡ ବାନ୍ଧିଥିଲେ । କିନ୍ତୁ ଆପଣ ସ.ଅ ତୁରନ୍ତ ସେହି ସ୍ଥାନରେ ପହଞ୍ଚିଲେ ଏବଂ ଏକ କୋଦାଳ ଧରି ଅଲ୍ଲାଃତାଲାଙ୍କ ନାମ ନେଲେ ଏବଂ ପଥର ଉପରେ ସେହି କୋଦାଳ ପ୍ରହାର କଲେ । ଉକ୍ତ ପଥରରେ ଲୌହ ପ୍ରହାର ବାଜିବା ଫଳରେ ପଥରରୁ ଅଗ୍ନୀ ବିସ୍ତାରିତ ହେଲା । ଏହା ଦେଖି ଆପଣ ସ.ଅ ଉଚ୍ଚ ସ୍ୱରରେ **ଅଲ୍ଲାଃହୁ ଅକ୍‌ବର୍** ! କହିଲେ ଏବଂ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ମୋତେ ସିରୀୟାର କୁଞ୍ଜିକା (ଚାବି) ପ୍ରଦାନ କରାଯାଇଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ବର୍ତ୍ତମାନ ସିରୀୟାର ପ୍ରାସାଦ ମୋ ଚକ୍ଷୁ ସମ୍ମୁଖରେ ରହିଛି । ଉକ୍ତ ପ୍ରହାର ଫଳରେ ପ୍ରସ୍ତର (ପଥର) କିଛିଟା ଭାଙ୍ଗିଗଲା। ଆପଣ ସ.ଅ ଦ୍ୱିତୀୟ ଥର ଯେତେବେଳେ ଅଲ୍ଲାଃହଙ୍କ ନାମ ନେଇ କୋଦାଳ ପ୍ରହାର କଲେ ଓ ପୁନଶ୍ଚ ପଥରରୁ ଏକ ନିଆଁ ବାହାରିଲା । ଏହା ଦେଖି ଆପଣ ସ.ଅ **ଅଲ୍ଲାଃହୁ ଅକ୍‌ବର୍** ! କହିଲେ ଓ କହିଲେ, ହେ ସାହାବାମାନେ ! ମୋତେ ପାରସ୍ୟ ଦେଶର କୁଞ୍ଜିକା (ଚାବି) ପ୍ରଦାନ କରାଗଲା। ମଦାଏନ୍‌ର (ସହରର) ପ୍ରାସାଦ ମୋତେ ଦୃଶ୍ୟମାନ ହେଉଅଛି । ଏଥର ପଥର କିଛିଟା ଫାଟିଲା ଓ ଭାଙ୍ଗିଗଲା । ତୃତୀୟ ଥର ଆପଣ ସ.ଅ ପୁନଶ୍ଚ କୋଦାଳ ପ୍ରହାର କଲେ ଯଦ୍ଦ୍ୱାରାକି ପୁନଃ ଏକ ଅଗ୍ନୀ ବାହାରିଲା । ଆପଣ ସ.ଅ ପୁନଶ୍ଚ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

କହିଲେ, **ଅଲ୍ଲାଃହୁ ଅକ୍‌ବର୍** ! ଆପଣ ସ.ଅ କହିଲେ, ହେ ସାହାବାମାନେ ବର୍ତ୍ତମାନ ମୋତେ ୟମନ୍‌ର କୁଞ୍ଜିକା ପ୍ରଦାନ କରାଗଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ସନ୍‌ଆର ଦ୍ୱାର ମୋତେ ସେତେବେଳେ ଦୃଶ୍ୟମାନ କରାଯାଉଥିଲା । ଏଥର କିନ୍ତୁ ଉକ୍ତ ପଥର ସଂପୂର୍ଣ୍ଣ ରୂପେ ଭାଙ୍ଗିଯାଇ ନିଜ ସ୍ଥାନରୁ ଖସି ପଡ଼ିଲା । ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ପ୍ରତ୍ୟେକ ଅବସରରେ ଉଚ୍ଚ ସ୍ୱରରେ ତକବିର୍ (ସ୍ଲୋଗାନ୍) କହିଲେ ଏବଂ ପୁନଶ୍ଚ ପରେ ସାହାବାମାନେ ପଚାରିବାରୁ ଆପଣ ସ.ଅ ଏହି ସ୍ୱପ୍ନ ବର୍ଣ୍ଣନା କଲେ । ମୁସଲମାନମାନେ ଉକ୍ତ ସାମୟିକ ବାଧାକୁ ଦୂର କରି ପୁନଶ୍ଚ ନିଜ କାର୍ଯ୍ୟରେ ଯୋଗ ଦେଲେ । ଆଁହଜରତ ସ.ଅଙ୍କ ଉକ୍ତ ଦୃଶ୍ୟାବଳୀ ସ୍ୱପ୍ନ ଦର୍ଶନ ସହିତ ସଂପର୍କିତ ଥିଲା । ଅର୍ଥାତ୍ ଏହି ଅଭାବ ଏବଂ ଅନଟନ ସମୟରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ମୁସଲମାନମାନଙ୍କର ଆଗାମୀ ଭବିଷ୍ୟତ ଏବଂ ସ୍ୱଚ୍ଛଳତାର ଦୃଶ୍ୟ ଦେଖାଇ ସାହାବାମାନଙ୍କ ମଧ୍ୟରେ ନୂତନ ଆଶା ଏବଂ ହର୍ଷ (ପ୍ରସନ୍ନତା)ର ଆତ୍ମା ସୃଷ୍ଟି କରିଥିଲେ । କିନ୍ତୁ ପ୍ରକାଶ୍ୟଗତ ପରିସ୍ଥିତି ଅନୁଯାୟୀ ସେହି ସମୟଟି ଅଭାବ ଏବଂ କଷ୍ଟ ସମୟ ଥିଲା । ମୁସଲମାନମାନେ ଉକ୍ତ ପ୍ରତିଶ୍ରୁତିକୁ ଶୁଣି କପଟବିଶ୍ୱାସୀମାନେ ମୁସଲମାନମାନଙ୍କ ଉପରେ ଉପହାସ କରିବାକୁ ଲାଗିଲେ ଯେ, ଘରୁ ବାହାରରକୁ ପାଦ ରଖିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ନାହିଁ ଆଉ କୈସର୍ ଓ କିସ୍ରା ଶାସନର ସ୍ୱପ୍ନ ଦେଖୁଛନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ ଜ୍ଞାତ ସାରରେ ଏହି ସମସ୍ତ ପୁରସ୍କାର (ଅବଦାନ) ମୁସଲମାନମାନଙ୍କ ନିମନ୍ତେ ନିୟତିକୃତ ଥିଲା । ସୁତରାଂ ଏହି ପ୍ରତଶୃତି ତଥା ଅଙ୍ଗୀକାର ନିଜ ନିଜ ସମୟରେ ଅର୍ଥାତ୍ କିଛି ଅଙ୍ଗୀକାର ଆଁହଜରତ୍ ସ.ଅଙ୍କ ଶେଷ ଦିନମାନଙ୍କରେ ମସୟରେ ସଂପୂର୍ଣ୍ଣ ଏବଂ ସାର୍ଥକ ହୋଇଥିଲା । ଆଉ କେତେକ ଅଙ୍ଗୀକାର ମଧ୍ୟରୁ ଅଧିକାଂଶ ଅଙ୍ଗୀକାର ଆପଣ ସ.ଅଙ୍କ ଖଲିଫାମାନଙ୍କ କାଳରେ ପୂର୍ଣ୍ଣ ହୋଇ ମୁସଲମାନମାନଙ୍କର ବିଶ୍ୱାସରେ ଆଧିକ୍ୟତାର କାରଣ ଏବଂ ଶାନ୍ତି ଦାୟକ ସାବ୍ୟସ୍ତ ହେଲା । **(ସିରତ୍ ଖାତମୂନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-577-578)**

ହ. ମୁସଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଆପଣ ର.ଅ କୁହନ୍ତି ଯେ, ଯେତେବେଳେ ଗର୍ତ୍ତ ଖନନ କାର୍ଯ୍ୟ କରାଯାଉଥିଲା ସେତେବେଳେ ଭୂମି ମଧ୍ୟରୁ ଏକ ପ୍ରସ୍ତର (ପଥର) ବାହାରିଲା । ସେହି ପଥରକୁ ଲୋକମାନେ ଭାଙ୍ଗିପାରୁ ନଥିଲେ । ତେଣୁ ସାହାବାମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଏଥି ସଂକ୍ରାନ୍ତରେ ସୂଚନା ଯେତେବେଳେ ପ୍ରଦାନ କଲେ ସେତେବେଳେ ଆପଣ ସ.ଅ ସେହି ପଥର ଥିବା ସ୍ଥାନରେ ପହଞ୍ଚିଲେ । ଆପଣ ସ.ଅ ଜୋରରେ ପଥର ଉପରେ ପ୍ରହାର କଲେ । କୋଦାଳର ପ୍ରହାର ଯେତେବେଳେ ପଥର ଉପରେ ବାଜିଲା ସେତେବେଳେ ତହିଁରୁ ଅଗ୍ନି ଶିଖା ବା ଆଲୋକ ରଶ୍ମୀ ବାହାରିଲା । ଆପଣ ସ.ଅ କହିଲେ, **ଅଲ୍ଲାଃହୁ ଅକ୍‌ବର୍**! ଆପଣ ସ.ଅ ପୁନଃ ପଥର ଉପରେ କୋଦାଳ ପ୍ରହାର କଲେ ଓ ପୁନଶ୍ଚ ଆଲୋକ ରଶ୍ମୀ ବାହାରିଲା । ଆପଣ ସ.ଅ ପୁନଶ୍ଚ କହିଲେ, ଅଲ୍ଲାଃହୁ ଅକବର୍ ! ଆପଣ ସ.ଅ ପୁନଶ୍ଚ ତୃତୀୟ ଥର କୋଦାଳ ପ୍ରହାର କଲେ ଏବଂ ପୁନଶ୍ଚ ପଥରରୁ ଆଲୋକ ରଶ୍ମୀ ବାହାରିଲା । ତତ୍‌ସହିତ ପଥର ଭାଙ୍ଗିଗଲା। ଇତ୍ୟବସରରେ ଆପଣ ସ.ଅ କହିଲେ, **ଅଲ୍ଲାଃହୁ ଅକ୍‌ବର୍** ! ସାହାବାମାନେ ଆପଣ ସ.ଅଙ୍କୁ ପଚାରିଲେ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତିନିଥର କାହିଁକି **ଅଲ୍ଲାଃହୁ ଅକ୍‌ବର୍** କହିଲେ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ମୁଁ ପ୍ରସ୍ତର ଉପରେ ଯେଉଁ ତିନି ଥର ପ୍ରହାର କଲି ଓ ତିନିଥର ଯେଉଁ ଆଲୋକ ରଶ୍ମୀ ନିର୍ଗତ ହେଲା ତେବେ ତିନି ଥର ଈଶ୍ୱର ମୋତେ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମର ଭବିଷ୍ୟତରେ ହେବାକୁ ଥିବା ଉନ୍ନତିର ନକ୍ସା (ଦୃଶ୍ୟ) ଦେଖାଇ ଦେଇଥିଲେ । ପ୍ରଥମ ଥର ଆଲୋକରେ କୈସର ଶାସନ ଅର୍ଥାତ୍ ସିରୀୟାର ପ୍ରାସାଦ ଦୃଶମାନ କରାଗଲା ଓ ମୋତେ ଉକ୍ତ ପ୍ରାସାଦର କୁଞ୍ଜିକା ମଧ୍ୟ ପ୍ରଦାନ କରାଗଲା । ଦ୍ୱିତୀୟ ଥରର ଆଲୋକରେ ମଦାଏନ୍‌ର ଧବଳ ବର୍ଣ୍ଣର ପ୍ରାସାଦ ମୋତେ ଦୃଶମାନ କରାଗଲା ଓ ମୋତେ ପାରସ୍ୟ ଦେଶର କୁଞ୍ଜିକା ପ୍ରଦାନ କରାଗଲା । ସୁତରାଂ ତୁମେମାନେ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଓ ତାହାଙ୍କ ଅଙ୍ଗୀକାର ଉପରେ ବିଶ୍ୱାସ ରଖ । ଶତ୍ରୁ ତମମାନଙ୍କର କିଛି ବି ଅନିଷ୍ଟ ସାଧାନ କରିପାରିବ ନାହିଁ । **(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-269)**

ସେହି ଦିନମାନଙ୍କରେ ଚମତ୍କାର ମଧ୍ୟରୁ ଯେଉଁ ଚମତ୍କାର ହେଉଥିଲା ତନ୍ମଧ୍ୟରୁ ଏକ ଚମତ୍କାର ହେଉଛି ଖାଦ୍ୟ ଖାଇବାର ଚମତ୍କାର । ଆହୁରି ଅନେକ ଖାଦ୍ୟ ଖାଇବାର ଚମତ୍କାର ରହିଛି । କିନ୍ତୁ ଗୋଟିଏ ଚମତ୍କାର ଘଟଣା ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ଖାଦ୍ୟ ରନ୍ଧିଲେ ଓ ତହିଁରେ କଲ୍ୟାଣ ପଡ଼ିଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହପରି ମିଳେ ଯେ, ହ. ଜାବିର୍ ର.ଅ ସେହି ଦିନମାନଙ୍କରେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲେ । ଆପଣ ସ.ଅ ଭୋକ ଉପାସ ଯୋଗୁଁ ନିଜ ଉଦର (ପେଟରେ) ପ୍ରସ୍ତର (ପଥର) ବାନ୍ଧିଛନ୍ତି ଓ ସାହାବାମାନେ ତିନି ଦିନ ଧରି ସେଠାରେ ଅଛନ୍ତି । କେହି କିଛି ଖାଦ୍ୟ ପଦାର୍ଥ ଚାଖି ନାହାନ୍ତି । ତିନି ଦିନ ହୋଇଯାଇଛି କିଛି ଖାଇବାକୁ ମିଳି ନାହିଁ । ଜାବିର୍ ର.ଅ କୁହନ୍ତି ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଘରକୁ ଯିବାକୁ ଅନୁମିତ ପ୍ରଦାନ କରନ୍ତୁ । ଆପଣ ସ.ଅ ମୋତେ ଘରକୁ ଯିବାକୁ ଅନୁମତି ପ୍ରଦାନ କଲେ । ମୁଁ ଘରକୁ ଯାଇ ନିଜ ପତ୍ନିକୁ କହିଲି, ହେ ମୋ ପତ୍ନି! ଆଁହଜରତ୍ ସ.ଅ ଉପାସ ଅଛନ୍ତି ଏବଂ ମୁଖମଣ୍ଡଳରୁ ବୁଭୁକ୍ଷୁତାର (ଭୋକର) ସ୍ପଷ୍ଟ ଲକ୍ଷଣ ପ୍ରତିଭାତ ହେଉଅଛି । ତେଣୁ ମୁଁ ଆଁହଜରତ ସ.ଅଙ୍କ ଉକ୍ତ ଅବସ୍ଥାକୁ ଦେଖି ଆଉ ସହ୍ୟ କରିପାରୁ ନାହିଁ ଓ ଧୈର୍ଯ୍ୟ ଧରି ରହିପାରିଲି ନାହିଁ । ତେଣୁ ଆମ ଘରେ ଖାଇବାର କିଛି ଖାଦ୍ୟ ପଦାର୍ଥ ଅଛି କି ? ହ. ଜାବିର୍ ର.ଅଙ୍କ ପତ୍ନି ଉତ୍ତର ଦେଲେ ହଁ । ଘରେ ଅଢେଇ ସେର ସାଆ (ମାପକ)ରୁ କିଛି କମ ଯଅ ଓ ଗୋଟିଏ ଛେଳୀ ଛୁଆ ଅଛି । ଅତଏବ୍ ହ. ଜାବିର୍ ର.ଅଙ୍କ ପତ୍ନି ଯଅ ପେଷିଲେ ଏବଂ ମୁଁ ମାଂସକୁ ହାଣ୍ଡି ମଧ୍ୟରେ ପକାଇଦେଲି । ମୋ ପତ୍ନି କହିଲା ହେ ଜାବିର୍ ଶୁଣୁଛ ! ଘରେ ଖାଦ୍ୟ କମ୍ ଅଛି ତେଣୁ ଧୀରସ୍ଥିର ଭାବରେ ହୁଜୁର ସ.ଅ ଓ କିଛି ସାହାବାମାନଙ୍କୁ ଡାକିଆଣ । କାରଣ ଘରେ ଖାଦ୍ୟ କମ୍ ରିହିଛି । ଏପରି ନହେଉ ଯେ, ଅଧିକ ସଂଖ୍ୟାକ ଲୋକଙ୍କ ଆଗମନ ଫଳରେ ଆହାର ନଘଟ ହେବ ଓ ଆମକୁ ଲଜ୍ଜିତ ହେବାକୁ ପଡ଼ିବ । ସୁତରାଂ ହ. ଜାବିର୍ ର.ଅ କୁହନ୍ତି ମୁଁ ଉଠିଲି ଏବଂ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଘରେ ଖାଦ୍ୟ ପ୍ରସ୍ତୁତ ହୋଇ ସାରିଛି, ଘରେ ସ୍ୱଳ୍ପ ଖାଦ୍ୟ ଅଛି ଆପଣ ସ.ଅ ଏବଂ ଆପଣ ସ.ଅଙ୍କ ସହିତ ଜଣେ ଦୁଇ ଜଣ ସାହାବିଙ୍କୁ ଆଣନ୍ତୁ । ଆପଣ ସ.ଅ ନିଜର ଆଙ୍ଗୁଠିକୁ ମୋ ଆଙ୍ଗୁଠିରେ ପକାଇଲେ ଏବଂ ପଚାରିଲେ, ହେ ଜାବିର୍ ! ଘରେ ଖାଦ୍ୟ କେତେ ଅଛି? ମୁଁ ହାତରେ ଇଙ୍ଗିତ କରି କହିଲି, ଏତିକି ଖାଦ୍ୟ ରହିଛି । ଆପଣ ସ.ଅ କହିଲେ, ତାହାହେଲେ ବହୁତ ହେବ ଓ ଖୁବ୍ ଭଲ । ହେ ଜାବିର୍ ! ତୁମେ ଘରକୁ ଯାଅ ଏବଂ ନିଜ ପତ୍ନିଙ୍କୁ କୁହ ଯେ, ଯେପର୍ଯ୍ୟନ୍ତ ମୁଁ ତୁମ ଘରକୁ ଆସି ନାହିଁ ସେପର୍ଯ୍ୟନ୍ତ ତୁମେ ମାଂସ ହାଣ୍ଡି ଚୁଲିରୁ ଓହ୍ଲାଇବ ନାହିଁ । ତୁମେ ନିଜ ପତ୍ନିଙ୍କୁ କହିବ ଯେପର୍ଯ୍ୟନ୍ତ ମୁଁ ଆସି ନାହିଁ ସେପର୍ଯ୍ୟନ୍ତ ରୁଟି ଚୁଲିରେ ସେକିବା ଆରମ୍ଭ କରିବ ନାହିଁ । ସୁତରାଂ ରସୁଲୁଲ୍ଲାଃ ସ.ଅ ସମସ୍ତ ସାହାବାମାନଙ୍କୁ ଡାକ ମାରିଲେ, ହେ ଖନ୍ଦକ୍‌ବାସୀ ! ଜାବିର୍ ତୁମମାନଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରିଛନ୍ତି ଏବଂ ଭୋଜନର ବ୍ୟବସ୍ଥା କରିଛନ୍ତି । ଆସ ! ଯିବା । ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ଆଗେ ଆଗେ ଚାଲିବାକୁ ଲଗିଲେ ଏବଂ ମୋତେ (ଅର୍ଥାତ୍ ହ. ଜାବିର୍ ର.ଅ କହିଲେ) ଏତେ ଲାଜ ମାଡ଼ିଲା ଯେ, ଏହି ପ୍ରସଙ୍ଗକୁ କେବଳ ଅଲ୍ଲାଃତାଲା ହିଁ ଜାଣନ୍ତି । ସେ ଅନ୍ତର୍ଯାମୀ ଅଟନ୍ତି । ମୁଁ ମନରେ କହିଲି, ଆରେ ଏ ତ' ବହୁତ ଲୋକ ଆସିଗଲେ । ଗୋଟିଏ ସାଅ ଏବଂ ଗୋଟିଏ ଛେଳୀ ଛୁଆରେ ଏତେ ଲୋକଙ୍କର ଆଗମନ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଆଜି ତ' ମୁଁ ଅବଶ୍ୟ ଲଜ୍ଜିତ ଓ ତିରସ୍କୃତ ହେବି । ମୁଁ ଶୀଘ୍ର ନିଜ ପତ୍ନି ପାଖକୁ ଗଲି ଓ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କରି କହିଲି, ହେ ଘରମଣି ! ଆଁହଜରତ ସ.ଅ ନିଜ ସହିତ ପ୍ରବାସକାରୀ ଏବଂ ଅନ୍‌ସାରମାନଙ୍କୁ ନେଇ ଆସୁଛନ୍ତି । ପତ୍ନି କହିଲେ, ହେ ଜାବିର! ଭଗବାନ ତୁମର କଲ୍ୟାଣ ସାଧନ କରନ୍ତୁ । ମୁଁ ତୁମକୁ କହିଥିଲି ପରା ତମେ ଯାଇ ଆଁହରତ ସ.ଅଙ୍କୁ ଯାଇ ଚୁପ୍ କିନା କହିବ । ହ. ଜାବିର୍ ର.ଅ ପତ୍ନିଙ୍କୁ କହିଲେ, ହେ ମୋ ଘରଣୀ ତୁମ କହିବା ମୁତାବକ ମୁଁ ଯାଇ ଆଁହଜରତ ସ.ଅଙ୍କୁ କହିଥିଲି । ପତ୍ନି ହ. ଜାବିର୍ ର.ଅଙ୍କୁ ପୁନଶ୍ଚ ପଚାରିଲେ, ହେ ଜାବିର୍ ଅନ୍ୟ ସମସ୍ତ ଲୋକମାନଙ୍କୁ ତୁମେ ନିମନ୍ତ୍ରିତ କରିଥିଲ ନା ଆଁହଜରତ ସ.ଅ ? ହ. ଜାବିର୍ ର.ଅ କହିଲେ, ମୁଁ ସେମାନଙ୍କୁ ଆମନ୍ତ୍ରିତ କରି ନାହିଁ ଆଁହଜରତ ସ.ଅ ସେମାନଙ୍କୁ ନିମନ୍ତ୍ରିତ କରିଛନ୍ତି। ଉକ୍ତ କଥାକୁ ଶୁଣି ସେହି ବିଶ୍ୱାସ ଏବଂ ନିଷ୍ଠାର ପ୍ରତୀକ ସାଜିଥିବା ପତ୍ନି କହିଲେ, ତାହାହେଲେ ଚିନ୍ତା କରିବାର ଆଉ କୌଣସି ଆବଶ୍ୟକତା ନାହିଁ । ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କୁ ଭଲ ଭାବରେ ଜଣା । ବର୍ତ୍ତମାନ ଚିନ୍ତା କରିବାର ଆଉ କିଛି ଆବଶ୍ୟକତା ନାହିଁ । ଉକ୍ତ ବିଶ୍ୱାସ ହେଉଛି ସେହି ନାରୀର ଯିଏ ନିଜର ସ୍ୱାମୀ ଠାରୁ ବିଶ୍ୱାସରେ ଓ ନିଷ୍ଠାରେ ସେତେବେଳେ ଆଗକୁ ବଢିଗଲା । ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଆମ ଘରକୁ ପ୍ରବେଶ କଲେ ଏବଂ କହିଲେ, ଦଶ ଜଣ ଦଶ ଜଣ କରି ସଦସ୍ୟମାନେ ପ୍ରବେଶ କରନ୍ତୁ । ଅର୍ଥାତ୍ ଯେଉଁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଲୋକମାନେ ଆସିଥିଲେ ସେମାନଙ୍କୁ 10 ଜଣ 10 ଜଣ ଗୋଷ୍ଠୀରେ ବିଭକ୍ତ କଲେ ଏବଂ ହ. ଜାବିର୍ ର.ଅଙ୍କ ପତ୍ନି ଯେତେବେଳେ ଅଟା ବାହାର କଲେ ସେତେବେଳେ ତହିଁରେ (ସେହି ଅଟାରେ) ପବିତ୍ର ଲାଳ ପକାଇଲେ ଏବଂ କଲ୍ୟାଣ ହେବା ନିମନ୍ତେ ଦୁଆ କଲେ । ପୁନଶ୍ଚ ଏତଦ୍‌ପରେ ଆମ ହାଣ୍ଡିରେ ପବିତ୍ର ଲାଳ ପକାଇ ଦୁଆ କଲେ। ଏତଦ୍‌ପରେ ଆପଣ ସ.ଅ ଆମକୁ କହିଲେ, ହେ ଜାବିର୍ ଓ ଜାବିରଙ୍କ ପତ୍ନି! ଏବେ ତୁମେମାନେ ରୁଟି ସେକିବା ଆରମ୍ଭ କର ଏବଂ ତରକାରୀ ହାଣ୍ଡିରେ ପକାଇ ହାଣ୍ଡିକୁ ଘୋଡ଼ାଇ ଦିଅ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଜାବିର୍ ଓ ଜାବିରଙ୍କ ପତ୍ନି ! ରୁଟି ଚୁଲିରୁ ବାହାର କର ଓ ରୁଟି ପାତ୍ରକୁ ଘୋଡ଼ାଇ ଦିଅ । ହ. ଜାବିର୍ ଓ ତାଙ୍କର ପତ୍ନି କହିଲେ, ଆମେମାନେ ଆପଣ ସ.ଅଙ୍କ ଆଦେଶ ପାଳନପୂର୍ବକ ଏହିପରି ହିଁ କଲୁ। ଆମେମାନେ ହାଣ୍ଡିରୁ ତରକାରୀ କାଢୁଥିଲୁ ଓ ହାଣ୍ଡିକୁ ଘୋଡ଼ାଇ ଦେଉଥିଲୁ । ପୁଣି ହାଣ୍ଡିର ଘୋଡ଼ଣି ଖୋଲୁଥିଲୁ ତେବେ ଆମେ ଏହା ଅବଲୋକନ କଲୁ ଯେ, ସେହି ହାଣ୍ଡିରୁ ତରକାରୀ କିଞ୍ଚିତ ମାତ୍ର କମ୍ (ହ୍ରାସ ପାଇଲା) ହେଲା ନାହିଁ । ସେହିପରି ଚୁଲିରୁ ରୁଟି ବାହାର କରୁଥିଲୁ ଓ ତାହାକୁ ଘୋଡ଼ାଇ ଦେଉଥିଲୁ। ରୁଟି ମଧ୍ୟ କମ୍ ହେଲା ନାହିଁ । ଆପଣ ସ.ଅ ରୁଟିକୁ ଖଣ୍ଡ ଖଣ୍ଡ କରି ସେହି ରୁଟି ଖଣ୍ଡ ଉପରେ ମାଂସ ପକାଉଥିଲେ ଓ ନିଜର ସାହାବାମାନଙ୍କ ପାଖକକୁ ଦେଖାଇ କହୁଥିଲେ, ହେଇ ଧର ରୁଟି ଖଣ୍ଡ ଓ ଏହାକୁ ସେବନ କର (ଖାଅ) । ଯେତେବେଳେ ଦଶ ଜଣ ବ୍ୟକ୍ତିଙ୍କ ପେଟ ପୂରି ଯାଉଥିଲା ସେତେବେଳେ ସେମାନେ ଖାଦ୍ୟାସନରୁ ଉଠି ଯାଉଥିଲେ ପୁନଶ୍ଚ ଦ୍ୱିତୀୟ ଦଳକୁ ଆପଣ ସ.ଅ ଡାକୁଥିଲେ । ଏପର୍ଯ୍ୟନ୍ତକି 1000 ଜଣ ସଦସ୍ୟ ସେହି ଖାଦ୍ୟକୁ ଖାଇଲେ ଏବଂ ସମସ୍ତେ ଯେତେବେଳେ ସେହି ଖାଦ୍ୟ ଖାଇ ସାରିଲେ ସେତେବେଳେ ଆମ ହାଣ୍ଡିରେ ପୂର୍ବ ପରି ଝୋଳ ଉବୁଟୁବୁ ହେଉଥିଲା ଓ ଆମର ଅଟା ପୂର୍ବ ପରି ଥୁଆ ହୋଇଥିଲା । ଆପଣ ସ.ଅ କହିଲେ, ହେ ଜାବିର୍ ! ଉକ୍ତ ଆହାର ବା ଖାଦ୍ୟକୁ ତୁମେ ନିଜେ ଖାଅ ଓ ଅନ୍ୟ ଲୋକମାନଙ୍କୁ ମଧ୍ୟ ପ୍ରେରଣ କର । କାରଣ ଲୋକମାନେ ବହୁତ ଭୋକିଲା ଅଛନ୍ତି।"**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-369, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଲୁଗାତୁଲ୍ ହଦିସ୍, ଭାଗ-2, ପୃ-648)**

ଉକ୍ତ ଘଟଣା ସଂପର୍କରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରନ୍ତି ଯେ, "ଅବ୍‌ଦୁଲ୍ଲାଃ ବିନ୍ ଜାବିର୍ ର.ଅ ନାମକ ଜଣେ ଆଁହଜରତ ସ.ଅଙ୍କ ସାହାବି (ଅନୁଚର) ଆପଣ ସ.ଅଙ୍କ ମୁଖମଣ୍ଡଳରେ ବୁଭୁକ୍ଷୁତା (କ୍ଷୁଧା ବା ଭୋକ) ଯୋଗୁଁ ଦୁର୍ବଳ ଏବଂ କ୍ଳାନ୍ତର ଲକ୍ଷଣକୁ ଦେଖି ଆପଣ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ଆପଣ ସ.ଅ ମୋତେ ଘରକୁ ଯିବା ନିମନ୍ତେ ଅନମୁତି ପ୍ରଦାନ କରନ୍ତୁ । ଆପଣ ସ.ଅ ତାଙ୍କୁ ଘରକୁ ଯିବା ନିମନ୍ତେ ଅନୁମତି ପ୍ରଦାନ କଲେ । ସୁତରାଂ ହ. ଜାବିର୍ ର.ଅ ଯେତେବେଳେ ନିଜ ଘରକୁ ଆସିଲେ ଏବଂ ନିଜ ପତ୍ନିକୁ କହିଲେ, ହେ ସୌଭାଗ୍ୟବତୀ ! ଆଁହଜରତ ସ.ଅ ବୁଭୁକ୍ଷୁତା ଯୋଗୁଁ ଅତ୍ୟନ୍ତ କଷ୍ଟ ପାଉଛନ୍ତି ବୋଲି ମୋତେ ପ୍ରତିତ ହେଉଛି । ତେଣୁ କ'ଣ ତୁମ ନିକଟରେ ଖାଇବା ନିମନ୍ତେ କିଛି ଅଛି କି ? ହ. ଜାବିର୍ ର.ଅଙ୍କ ପତ୍ନି କହିଲେ, ହଁ କିଛି ଯଅ ଅଟା ଓ ଗୋଟିଏ ଛେଳୀ ଛୁଆ ଅଛି । ଜାବିର୍ ର.ଅ କୁହନ୍ତି ଯେ, ଏହା ଶୁଣି ମୁଁ ଛେଳୀ ଜେବହ୍ କଲି ଓ ମୋ ପତ୍ନି ଅଟା ଚକିଟଲା । ଏତଦ୍‌ପରେ ମୁଁ ନିଜ ପତ୍ନିକୁ କହିଲେ, ହେଇଟି ଶୁଣୁଛ ସୌଭାଗ୍ୟବତୀ ! ତୁମେ ଖାଦ୍ୟ ପ୍ରସ୍ତୁତ କର । ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଯାଇ ଆପଣ ସ.ଙ୍କୁ କହିବି ଯେ, ଆପଣ ସ.ଅ ଆମ ଘରକୁ ଭୋଜନ ନିମନ୍ତେ ଆସନ୍ତୁ । ହ. ଜାବିର୍ ର.ଅ କୁହନ୍ତି, ମୋ ପତ୍ନି ମୋତେ ଏହା କହିଲେ, ହେ ଜାବିର୍! ତୁମେ ମୋତେ ତିରସ୍କୃତ ତଥା ଲଜ୍ଜିତ କରିବ ନାହିଁ । କାରଣ ଖାଦ୍ୟ ବହୁତ କମ୍ ଅଛି । ଆଁହଜରତ ସ.ଅଙ୍କ ସହିତ ଅଧିକ ଲୋକ ଯେପରି ନ ଚାଲି ଆସନ୍ତୁ । ଜାବିର ର.ଅ କୁହନ୍ତି: ମୁଁ ଗଲି ଓ ଧୀରସ୍ଥିର ଭାବରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆପଣ ସ.ଅଙ୍କୁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ଘରେ କିଛି ମାଂସ ଓ ଯଅ ଅଟା ରହିଛି । ମୁଁ ସ୍ତ୍ରୀକୁ ରାନ୍ଧିବା ନିମନ୍ତେ ଘରେ କହି ଆସିଛି । ଆପଣ ସ.ଅ ନିଜର କିଛି ସାହାବାମାନଙ୍କୁ ଧରି ଆମ ଘରକୁ ଆସନ୍ତୁ ଓ ଭୋଜନ ଗ୍ରହଣ କରନ୍ତୁ । ଆପଣ ସ.ଅ କହିଲେ, ହେ ଜାବିର୍ ! ଖାଦ୍ୟ କେତେ ଅଛି? ହ. ଜାବିର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏତିକି ପରିମାଣର ଖାଦ୍ୟ ଅଛି । ଆପଣ ସ.ଅ କହିଲେ, ତାହାହେଲେ ଯଥେଷ୍ଟ ଅଛି ଖାଦ୍ୟ । ଏତଦ୍‌ପରେ ଆପଣ ସ.ଅ ନିଜର ଆଖପାଖରେ ଦୃଷ୍ଟି ପକାଇ ଉଚ୍ଚ ସ୍ୱରରେ କହିଲେ, ହେ ଅନ୍‌ସାର ଓ ପ୍ରବାସକାରୀଙ୍କ ଦଳ ! ଜାବିର୍ ଆଜି ଆମମମାନଙ୍କୁ ତାଙ୍କ ଘରେ ନିମନ୍ତ୍ରଣ ଦେଇଛନ୍ତି । ଚାଲ ଯାଇ ଖାଦ୍ୟ ଖାଇ ଆସିବା । ଆଁହଜରତ ସ.ଅଙ୍କ ଉକ୍ତ ସ୍ୱରକୁ ଶୁଣି ପ୍ରାୟ ଏକ ହଜାର୍ ଭୋକିଲା ସାହାବାମାନେ ଆପଣ ସ.ଅଙ୍କ ହ. ଜାବିର୍ ର.ଅଙ୍କ ଘର ଅଭିମୁଖେ ବାହାରି ପଡ଼ିଲେ । ଆପଣ ସ. ଅ କହିଲେ, ହେ ଜାବିର୍ ତୁମେ ଘରକୁ ଶୀଘ୍ର ଶୀଘ୍ର ଯାଅ ଓ ନିଜ ପତ୍ନିଙ୍କୁ ଯାଇ କହିଦିଅ ଯେ, ଯେପର୍ଯ୍ୟନ୍ତ ମୁଁ ଆସି ନାହିଁ ସେପର୍ଯ୍ୟନ୍ତ ଚୁଲି ଉପରୁ ହାଣ୍ଡି ଓହ୍ଲାଇବ ନାହିଁ ଏବଂ ଚୁଲିରେ ରୁଟି ସେକିବା ଆରମ୍ଭ କରିବ ନାହିଁ । ହ. ଜାବିର୍ ର.ଅ ଶୀଘ୍ର ଶୀଘ୍ର ଯାଇ ନିଜ ପତ୍ନିକୁ ସୂଚନା ଦେଲେ ଯେ, ହେ ମୋ ଗୃହୀଣୀ ପତ୍ନି ! ଆଁହଜରତ ସ.ଅ ଓ ପାଖାପାଖି ଏକ ହଜାର ସାହାବାମାନେ ଆସୁଛନ୍ତି । ଉକ୍ତ କଥା ଶୁଣିବା ପରେ ହ. ଜାବିର୍ ର.ଅଙ୍କ ସରଳ ପତ୍ନି ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଏବଂ କହିଲେ, ହେ ଜାବିର୍ ! ଖାଦ୍ୟ ତ' କେବଳ କିଛି ଲୋକଙ୍କ ଅନ୍ଦାଜ୍‌ର ରହିଛି ଆଉ ଏତେ ଲୋକ ଆସୁଛନ୍ତି? ଏବେ କ'ଣ ହେବ କେଜାଣି ? କିନ୍ତୁ ଆଁହଜରତ ସ.ଅ ସେଠାରେ ପହଞ୍ଚିବା ମାତ୍ରେ ଅତ୍ୟନ୍ତ ଶାନ୍ତ ଭାବରେ ମାଂସ ହାଣ୍ଡି ଏବଂ ଅଟା ବାସନ ଉପରେ ଉପରେ କଲ୍ୟାଣ ହେବା ନିମନ୍ତେ ଦୁଆ (ପ୍ରାର୍ଥନା) କଲେ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଜାବିର୍! ବର୍ତ୍ତମାନ ତୁମେ ନିଜ ପତ୍ନିଙ୍କୁ ଚୁଲି ଉପରେ ରୁଟି ସେକିବାକୁ କୁହ ଏବଂ ରୁଟି ସେକିବା ଆରମ୍ଭ କରିଦିଅ । ଏତଦ୍‌ପରେ ହ. ଜାବିର୍ ର.ଅ ଧୀରେ ଧୀରେ ଖାଦ୍ୟ ବାଣ୍ଟିବାକୁ ଆରମ୍ଭ କରିଦେଲେ । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି। ସେହି ଖାଦ୍ୟରୁ ସମସ୍ତ ସାହାବଗଣ ପେଟପୁରି ଖାଇଲେ ଏବଂ ଏବେ ବି ସେହି ମାଂସ ହାଣ୍ଡିରେ ଏତେ ଝୋଳ ଓ ମାଂସ ବଳିଥିଲା ତଥା ସେହିପରି ଅଟାରୁ ରୁଟି ପ୍ରସ୍ତୁତ ହେଉଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-578)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅହ୍‌ଜାବ୍ ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ମୁଁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସର୍ବଦା ଦୁଆ ଆଡ଼କୁ ଧ୍ୟାନ ଦେବାକୁ କହିଥାଏ । ତେଣୁ ଆପଣମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ଆମମାନଙ୍କର ବିଶ୍ୱାସକୁ ସୁଦୃଢ କରନ୍ତୁ । ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ଦେଶରେ ବାସ କରୁଥିବା ଅହେମଦିମାନଙ୍କୁ, ବାଂଲାଦେଶରେ, ପାକିସ୍ତାନରେ, ଅନ୍ୟାନ୍ୟ ସ୍ଥାନମାନଙ୍କରେ ବାସ କରୁଥିବା ଅହେମଦିମାନଙ୍କୁ ଅଲ୍ଲାଃତାଲା ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ସଂସାର ଯେଉଁ ଅଗ୍ନିରେ ପଡ଼ି ରହିଛି ଏବଂ ସେହି ଅଗ୍ନି ମଧ୍ୟକୁ ଯିବା ନିମନ୍ତେ ସତଚେଷ୍ଟା କରୁଛି ତହିଁରୁ ଅଲ୍ଲାଃତାଲା ସଂସାରକୁ ଉଦ୍ଧାର କରନ୍ତୁ । ଅଲ୍ଲାଃତାଲା ସଂସାର ଉପରେ ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍ ।**

ଅଲ୍ଲାଃତାଲା ସକଳ ଶକ୍ତିର ଆଧାର ଏବଂ ସର୍ବ ଶକ୍ତିମାନ ଅଟନ୍ତି । ଯଦି ଏବେ ବି ଏହି ଲୋକମାନେ ସଂଶୋଧନ ପ୍ରତି ଧ୍ୟାନ ଦିଅନ୍ତି ତେବେ ଅଲ୍ଲାଃତାଲା ଏମାନଙ୍କୁ ବିପତ୍ତିରୁ ଉଦ୍ଧାର କରିନେବେ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଓ ସେମାନେ ଏହି କଥାକୁ ବୁଝି ଯାଆନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟନେସ୍‌ନାଲ୍, ଅକ୍ଟୋବରର୍ ମାସ 04 ତାରିଖ, 2024 ମସିହା, ପୃ-2-6)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମା 12-01-2024ର ଅବଶିଷ୍ଟାଂଶ.....

ଧର୍ମଗ୍ରନ୍ଥରେ ଏହି ଅବସ୍ଥା ରହିଛି । ପୁନଶ୍ଚ ତୁମେମାନେ ଆଁହଜରତ ସ.ଅଙ୍କ ଉପରେ ଆପତ୍ତି କରୁଛି ଯେ, ଆପଣ ସ.ଅ ମିଥ୍ୟା କଥା କହିବା କିମ୍ବା କାପୁରୁଷତା ପ୍ରଦର୍ଶନ କରିଛନ୍ତି । ନାଉଜୁବିଲ୍ଲାଃ (ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛୁ) ।

ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ଅବିଶ୍ୱାସକାରୀମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ଘେରିନେଲେ ସେତେବେଳେ ଆପଣ ସ.ଅ କହିଲେ, مَنْ رَجُلٌ يَشْرِيْ لَنَا نَفْسَهُ ଅର୍ଥାତ୍ କିଏ ସେହି ବ୍ୟକ୍ତି ଯିଏ ଆମ ପାଇଁ ନିଜକୁ ବିକ୍ରି କରି ଦେଇପାରିବ ? ତେବେ ଜିୟାଦ୍ ବିନ୍ ସକନ୍ ର.ଅ ପାଞ୍ଚ ଜଣ ଅନ୍‌ସାରୀ ସାହାବାମାନଙ୍କ ସହିତ ଛିଡ଼ା ହେଲେ ଏବଂ ଅନ୍ୟ କେତେକ ବ୍ୟକ୍ତି କୁହନ୍ତି ଯେ, ସେହି ବ୍ୟକ୍ତି ଉମ୍ମାରାହ୍ ବିନ୍ ୟଜିଦ୍ ବିନ୍ ଥିଲେ ।

ଅତଏବ୍ ଏହି ସାହାବାମାନେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଅଦମ୍ୟ ସାହାସିକତାର ପରିଚୟ ଦେଇ ଜଣ ଜଣ କରି ଶହୀଦ୍ (ବୀରଗତି ପ୍ରାପ୍ତ କଲେ) ହୋଇ ଚାଲିଲେ । ଏପର୍ଯ୍ୟନ୍ତକି ସେମାନଙ୍କ ମଧ୍ୟରୁ ଶେଷ ବ୍ୟକ୍ତି ଜିୟାଦ୍ ଅବା ଉମ୍ମାରାହ୍ ଥିଲେ । ଜିୟାଦ୍ କିମ୍ବା ଉମ୍ମାରାହ୍ ଲଢୁଥିଲେ । ଏପର୍ଯ୍ୟନ୍ତକି ତାଙ୍କୁ ଅନେକ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଆଘାତ ଲାଗିଲା । ପୁନଶ୍ଚ ଏତଦ୍‌ପରେ ମୁସଲମାନମାନଙ୍କର ଏକ ଦଳ ଫେରି ଆସିଲା ଏବଂ ଅବିଶ୍ୱାସକାରୀମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ପଛକୁ ଠେଲି ଦେଲେ । ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ କହିଲେ, ଜିୟାଦ୍ ବିନ୍ ସକନ୍‌ଙ୍କୁ ମୋ ପାଖକୁ ଆଣ ! ଜିୟାଦ୍ ବିନ୍ ସକନ୍‌ଙ୍କୁ ଯେତେବେଳେ ଆଁହଜରତ ସ.ଅଙ୍କ ପାଖକୁ ଅଣାଗଲା ସେତେବେଳେ ସେ ଶେଷ ନିଃଶ୍ୱାସ ନେଉଥିଲେ । ଆପଣ ସ.ଅ କହିଲେ, ଜିୟାଦ୍ ବିନ୍ ସକନ୍‌ଙ୍କୁ ଆଉ ଟିକେ ମୋ ପାଖକୁ କର । ତେବେ ସାହାବା ର.ଅ ତାଙ୍କୁ ଆଁହଜରତ ସ.ଅଙ୍କ ଆହୁରି ନକଟବର୍ତ୍ତୀ କରାଇଲେ । ଆପଣ ସ.ଅ ନିଜର ପବିତ୍ର ପାଦ ତାଙ୍କ ଆଡ଼କୁ ଯେତେବେଳେ ଅଗ୍ରସର କରାଇଲେ ସେତେବେଳେ ଜିୟାଦ୍ ବିନ୍ ସକନ୍ ନିଜର ମୁଖମଣ୍ଡଳକୁ ଆଁହଜରତ ସ.ଅଙ୍କ ପବିତ୍ର ଚରଣରେ ରଖିଦେଲେ। ହ. ଜିୟାଦ୍ ବିନ୍ ସକନ୍ ର.ଅ ବିୟୋଗ ଏହି ଅବସ୍ଥାରେ ହେଲା ଯେ, ତାଙ୍କର ମୁଖମଣ୍ଡଳ ଆଁହଜରତ ସ.ଅଙ୍କ ପବିତ୍ର ଚରଣରେ ରହିଥିଲା । ହ. ଜିୟାଦ୍ ବିନ୍ ସକନ୍ ର.ଅଙ୍କ ଶରୀରରେ 14ଟି କ୍ଷତ (ଚିହ୍ନ) ବାଜିଥିଲା । **(ସବଲୁଲ୍ ହୁଦା ୱର୍ ରଶାଦ୍, ଭାଗ-4, ପୃ-203, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା କୁରୈଶ୍‌ର ଆକ୍ରମଣର ଏକ ଅସାଧାରଣ ଢେଉ ଉଠିଲା ସେତେବେଳେ ଆପଣ ସ.ଅ କହିଲେ, କିଏ ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବ ? ଜଣେ ଅନ୍‌ସାରୀ ବ୍ୟକ୍ତିର କାନରେ ଉକ୍ତ ସ୍ୱର ପଡ଼ିଲା ସେତେବେଳେ ସେ ଆଉ 6 ଜଣ ଅନସାରୀ ସାହାବି ପାଗଳଙ୍କ ପରି ଆଗକୁ ଅଗ୍ରସର ହେଲେ ଏବଂ ସେମାନଙ୍କ ମଧ୍ୟରୁ ଜଣ ଜଣ କରି ଆପଣ ସ.ଅଙ୍କ ଆଖ ପାଖରେ ଲଢି ନିଜର ପ୍ରାଣ ଉତ୍ସର୍ଗ କରିଦେଲେ । ଉକ୍ତ ଦଳର ସେନାପତି ଜିୟାଦ୍ ବିନ୍ ସକନ୍ ଥିଲେ। ଆଁହଜରତ ସ.ଅ ଉକ୍ତ ଆକ୍ରମଣ ପରେ ଆଦେଶ ଦେଲେ, ହେ ସାହାବାମାନେ! ଅବିଶ୍ୱାସକାରୀମାନେ କି ଭୟଙ୍କର ଆକ୍ରମଣ କରିଥିଲେ ? ଆକ୍ରମଣ ଟକିଏ ଥମିଲା । ଅନ୍ୟ ସାହାବାମାନେ ଆସି ପହଞ୍ଚିଗଲେ ଏବଂ ସ୍ଥାନ ଯେତେବେଳେ ଟିକିଏ ଖାଲି ହୋଇଗଲା ସେତେବେଳେ ଆଁହଜରତ ସ.ଅ ଆଦେଶ ଦେଲେ, ହେ ସାହାବାମାନେ ! ଜିୟାଦ୍‌କୁ ଉଠାଇ ମୋ ପାଖକୁ ଆଣ । ହ. ଜିୟାଦ୍ ବିନ୍ ସକନ୍ ଗମ୍ଭୀର ଭାବରେ ଆହତ ହୋଇ ତଳେ ପଡ଼ିଥିଲେ । ସାହାବାମାନେ ତାଙ୍କୁ ଉଠାଇ ଆଁହଜରତ ସ.ଅଙ୍କ ସମ୍ମୁଖରେ ରଖିଦେଲେ । ସେତେବେଳେ ହ. ଜିୟାଦ୍‌ଙ୍କ ଶରୀରରେ କିଛିଟା ଜୀବନ ରହିଥିଲା । କିନ୍ତୁ ତାଙ୍କର ପ୍ରାଣ ବାୟୁ ଏବଂ ପ୍ରାଣ ପକ୍ଷୀ ଉଡ଼ିଯାଉଥିଲା । ଅର୍ଥାତ୍ ସେ ପ୍ରାଣ ତ୍ୟାଗ କରିଥିଲେ । ଏହି ଅବସ୍ଥାରେ ସେ ସତଚେଷ୍ଟା କରି ନିଜର ମୁଣ୍ଡକୁ ଉଠାଇଲେ ଏବଂ ନିଜର ମୁଖମଣ୍ଡଳ ଆଁହଜରତ ସ.ଅଙ୍କ ପବିତ୍ର ଚରଣରେ ରଖିଦେଲେ ଓ ଏହି ଅବସ୍ଥାରେ ହିଁ ନିଜର ଦେହତ୍ୟାଗ କରିଦେଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-496)**

ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଶାହାଦତ୍‌ର ମଧ୍ୟ ଘଟଣା ଉଲ୍ଲେଖ ରହିଛି ଯେ, ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଭଲ ଭାବରେ ଧ୍ୱଜାର ଅଧିକାର ସମ୍ପାଦନ କଲେ। ଓହୋଦ୍ ଯୁଦ୍ଧ ଦିନ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଧ୍ୱଜା ଧରିଥିଲେ କି ଇବ୍‌ନେ କମିୟାହ୍ ଯେକି ଅଶ୍ୱ ଉପରେ ଆରୋହଣ ହୋଇଥିଲା ସେ ଆକ୍ରମଣ କରି ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଦକ୍ଷିଣ ବାହୁ ଉପରେ ଖଡ଼ଗ ସାହାଯ୍ୟରେ ପ୍ରହାର କଲା । ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଦକ୍ଷିଣ ହସ୍ତ ଅର୍ଥାତ୍ ଡାହାଣ ହାତରେ ଧ୍ୱଜା ଧରିଥିଲେ । ଅତଃ ଇବ୍‌ନେ କମିୟାହ୍ ହ. ମୁସ୍‌ଅବ୍ ର.ଅଙ୍କ ଡାହାଣ ହାତରେ ଖଡ଼ଗ ପ୍ରହାର କରି ଉକ୍ତ ହସ୍ତକୁ କାଟିଦେଲା । ସୁତରାଂ ଆପଣ ସ.ଅ ଉଭୟ ବାହୁ ବାହୁ ଦ୍ୱାରା ଇସ୍‌ଲାମୀୟ ଧ୍ୱଜାକୁ ନିଜ ଛାତି ସହିତ ସଂଲଗ୍ନ କରିନେଲେ । ଏତଦ୍‌ପରେ ଇବ୍‌ନେ କମିୟାହ୍ ତୃତୀୟ ଥର ବର୍ଚ୍ଛା ଦ୍ୱାରା ଆକ୍ରମଣ କଲା ଓ ହ. ମୁସ୍‌ଅବ୍ ବିନ୍ ଉମୈରଙ୍କ ଛାତିରେ ଭୁଷିଦେଲା । ବର୍ଚ୍ଛାଟି ଭାଙ୍ଗିଗଲା, ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ତଳେ ପଡ଼ିଗଲେ । ଏହା ଦେଖି ବନୁ ଅବ୍‌ଦୁଦ୍ ଦାର୍ ସଂପ୍ରଦାୟରୁ ଦୁଇ ଜଣ ବ୍ୟକ୍ତି ସୁୱ ବିତ୍ ବିନ୍ ସାଆଦ୍ ବିନ୍ ହର୍ମଲା ର.ଅ ଓ ଅବୁ ରୋମ୍ ବିନ୍ ଉମୈର୍ ର.ଅ ଆଗକୁ ଅଗ୍ରସର ହେଲେ ଏବଂ ଧ୍ୱଜାକୁ ଅବୁ ରୋମ୍ ବିନ୍ ଉମୈର୍ ଠାରୁ ଧରିନେଲେ । ତାଙ୍କରି ହାତରେ ଧ୍ୱଜା ରହିଲା । ଏପର୍ଯ୍ୟନ୍ତକି ମୁସଲମାନମାନେ ପ୍ରତ୍ୟାବର୍ତ୍ତନ କଲେ ଏବଂ ମଦିନାରେ ପ୍ରବେଶ କଲେ । **(ଅତ୍‌ତବକାତୁଲ୍ କୁବ୍ରା, ଭାଗ-3, ପୃ-89, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାଟି ଇତିହାସର ଏକ ପୁସ୍ତକରେ ଉଲ୍ଲିଖିତ ହୋଇଛି । କିନ୍ତୁ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ଯୁଦ୍ଧ ଏବଂ ଘଟଣା ପରେ ଆଁହଜରତ୍ ସ.ଅ ହ. ଅଲୀ ର.ଅଙ୍କୁ ଇସ୍‌ଲାମୀୟ ଧ୍ୱଜା ଦେଇଦେଲେ । ହ. ମିର୍ଜା ବଶୀର୍ ସାହେବ୍ ଉକ୍ତ ଘଟଣାରେ ଚର୍ଚ୍ଚା କରି ଏହିପରି ଭାବରେ ଉଲ୍ଲେଖ କରନ୍ତି: "କୁରୈଶର ସୈନ୍ୟବାହିନୀ ଚତୁର୍ପାର୍ଶ୍ୱରୁ ଘେରାଉ କରି ରଖିଥିଲେ ଏବଂ ନିଜର ଅତର୍କିତ ଏବଂ ଅହରହ ଆକ୍ରମଣ ଦ୍ୱାରା ଆଗକୁ ମାଡ଼ି ଆସୁଥିଲା । ଏହା ସତ୍ତ୍ୱେ ମଧ୍ୟ ମୁସଲମାନମାନେ ସମ୍ଭବତଃ କିଛି କ୍ଷଣ ପରେ ନିଜକୁ ସମ୍ଭାଳି ନେଉଥିଲେ। କିନ୍ତୁ ଅନର୍ଥ ଏହା ହେଲା ଯେ, କୁରୈଶ୍‌ର ଅବ୍‌ଦୁଲ୍ ବିନ୍ କମିୟାହ୍ ନାମକ ଜନୈକ ସାହାସୀ ସିପାହୀ ମୁସଲମାନମାନଙ୍କର ଧ୍ୱଜାବାହକ ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଉପରେ ଆକ୍ରମଣ କରିଦେଲା ଓ ନିଜର ଖଡ଼୍‌ଗର ପ୍ରହାର ଦ୍ୱାରା ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଦକ୍ଷିଣ ହସ୍ତ (ଡାହାଣ ହାତ) କାଟିଦେଲା । ଫଳତଃ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ହସ୍ତ କଟି ତଳେ ପଡ଼ିଗଲା । ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ତୁରନ୍ତ ଅନ୍ୟ ହସ୍ତରେ ଧ୍ୱଜା ଧରିନେଲେ ଓ ଇବ୍‌ନେ କମିୟାହ୍ ମୁକାବିଲା ନିମନ୍ତେ ଆଗକୁ ଅଗ୍ରସର ହେଲେ । କିନ୍ତୁ ସେ ଦ୍ୱିତୀୟ ପ୍ରହାରରେ ତାଙ୍କର ବାମ ପାର୍ଶ୍ୱର ହସ୍ତକୁ ଛେଦ କରିଦେଲା (କାଟିଦେଲା) । ଫଳତଃ ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ନିଜର ଉଭୟ କଟି ଯାଇଥିବା ହସ୍ତକୁ ଯୋଡ଼ି ପଡ଼ି ଉଠି ଇସ୍‌ଲାମୀୟ ଧ୍ୱଜାକୁ ସମ୍ଭାଳିବା (ଧରିବା) ନିମନ୍ତେ ଉଦ୍ୟମ କଲେ ଏବଂ ତାହାକୁ ନିଜର ଛାତି ସହିତ ସଂଲଗ୍ନ କରିନେଲେ । ଏହା ଦେଖି ଇବ୍‌ନେ କମିୟାହ୍ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଉପରେ ତୃତୀୟ ପ୍ରହାର କଲା । ଏଥର ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଶହୀଦ୍ ହୋଇ ତଳେ ପଡ଼ିଗଲେ । ଅତଏବ୍ ଇସ୍‌ଲାମୀୟ ଧ୍ୱଜାକୁ ଅନ୍ୟ ମୁସଲମାନମାନେ ତୁରନ୍ତ ଆଗକୁ ଅଗ୍ରସର ହୋଇ ଧରିନେଲେ । ଯଦିଚ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଶାରୀରିକ ଗଠନ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟ ରଖୁଥିଲା । ସେଇଥି ପାଇଁ ଇବ୍‌ନେ କମିୟାହ୍ ଏହା ଭାବିଲା ଯେ, ସେ ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛି । ଅବା ସମ୍ଭବତଃ ତା' ଆଡ଼ୁ ଏହି ପ୍ରସ୍ତାବ କେବଳ ଉପଦ୍ରବ ଏବଂ ପ୍ରତାରଣା ଓ ପ୍ରବଞ୍ଚନା ଉଦ୍ଦେଶ୍ୟରେ ହୋଇଥାଇ ପାରେ । ସେ ଯାହା ହେଉ ନା କାହିଁକି ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଶହୀଦ୍ ହେବା ଫଳରେ ଇବ୍‌ନେ କମିୟାହ୍ ଚିତ୍କାର କଲା ଏବଂ କହିଲା, ଆରେ ଦେଖରେ ମୁଁ ମୁହମ୍ମଦ ସ.ଅଙ୍କୁ ମାରି ଦେଇଛି **(ନାଉଜୁ ବିଲ୍ଲାଃ)**। ଉକ୍ତ ଖବର ଶୁଣିବା ପରେ ବଳକା ରହିଯାଇଥିବା ମୁସଲମାନମାନଙ୍କର ଚେତା ଉଡ଼ିଯାଇଥିଲା । ସେମାନେ ସ୍ତବ୍ଧ ହୋଇଯାଇଥିଲେ ଏବଂ ସେମାନଙ୍କର ଏକତା ସଂପୂର୍ଣ୍ଣ ରୂପେ ବିକ୍ଷିପ୍ତ ହୋଇଯାଇଥିଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-496)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ବର୍ଣ୍ଣିତ ହୋଇଛି ଯେ, ଓହୋଦ୍ ଯୁଦ୍ଧରେ କିଛି କ୍ଷଣର ବେପରୱା (ଅସାବଧାନତା) ହେବା ଯୋଗୁଁ ଇସ୍‌ଲାମୀୟ ସୈନ୍ୟ ବାହିନୀର ବିଜୟ ସାମୟିକ ପରଜୟରେ ପରିଣତ ହୋଇଗଲା । କିନ୍ତୁ ରସୁଲୁଲ୍ଲାଃ ସ.ଅ ହିଁ ସଂସାରର ଯୁଦ୍ଧ ଇତିହାସରେ ଜଣେ ସୁଦକ୍ଷ ଏବଂ ସର୍ବୋତ୍କୃଷ୍ଟ ସେନାପତି ଏବଂ ତତ୍ତ୍ୱଦର୍ଶୀ ରୂପେ ତାତ୍‌କ୍ଷଣିକ ନିଷ୍ପତ୍ତି ନେବାରେ ସିଦ୍ଧ ହସ୍ତ ରୂପେ ଜଣାଶୁଣା ଥିଲେ ।

ଆପଣ ସ.ଅ ଯୁଦ୍ଧର ବଦଳୁଥିବା ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ଚାରିଗୁଣା ବିଶାଳ ସୈନ୍ୟବାହିନୀ ସମ୍ମୁଖିରୁ ନିଜର ବିକ୍ଷିପ୍ତ ଏବଂ ଦୁର୍ବଳ ସୈନ୍ୟବାହିନୀକୁ ଏଭଳି ଭାବରେ ସୁରକ୍ଷିତ କରିନେଲେ ଯେ, ଶତ୍ରୁ ଇସ୍‌ଲାମୀୟ ସୈନ୍ୟବାହିନୀକୁ ସଂପୂର୍ଣ୍ଣ ରୂପେ ପାଦ ତଳେ ଦଳିଦେବା ନିମନ୍ତେ ମନ୍ଦ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିପାରିଲେ ନାହିଁ । ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ବିୟୋଗ ପରେ ଇସ୍‌ଲାମୀୟ ସୈନ୍ୟବାହିନୀର ଧ୍ୱଜା ଆପଣ ସ.ଅ ହ. ଅଲୀ ର.ଅଙ୍କୁ ପ୍ରଦାନ କଲେ। ଆପଣ ର.ଅ (ହ. ଅଲୀ ର.ଅ) ଇସ୍‌ଲାମୀୟ ସୈନ୍ୟବାହିନୀର ଧ୍ୱଜା ନିଜ ହସ୍ତରେ ଧଇଲେରି ଏବଂ ବିଜୟ ନିଶାରେ ନିଶାସକ୍ତ ହୋଇ ଶତ୍ରୁ ସମ୍ମୁଖରେ ଅବିଚଳ ହୋଇ ଛିଡ଼ା ହୋଇଥିଲେ । ଆପଣ ର.ଅ (ହ. ଅଲୀ ର.ଅ)ଙ୍କ ଖଡ଼୍‌ଗ ପ୍ରହାର ଉପରେ ପ୍ରହାର କରୁଥିଲା । ବିକ୍ଷିପ୍ତ ହୋଇଯାଇଥିବା ଇସ୍‌ଲାମୀୟ ସୈନ୍ୟବାହିନୀର ଉତ୍ସାହକୁ ଆହୁରି ବୃଦ୍ଧି କରୁଥିଲେ । ଆଁହଜରତ ସ.ଅଙ୍କ ଆଖପାଖରେ ଥିବା କିଛି ବ୍ୟକ୍ତିଙ୍କୁ ନେଇ ଗଠିତ କ୍ଷୁଦ୍ର ଇସ୍‌ଲାମୀୟ ସୈନ୍ୟବାହିନୀ ସହିତ ମିଶି ଏଭଳି ଯୁଦ୍ଧ ଲଢିଲେ ଯେ, ଅବିଶ୍ୱାସକାରୀମାନଙ୍କ ଚକ୍ରବ୍ୟୁହମୂଳକ ଲୋକାରଣ୍ୟରୁ ବାହାରିବାକୁ ମାର୍ଗ ପ୍ରଶସ୍ତ ହୋଇଗଲା । ସତୁରାଂ ଆଁହଜରତ ସ.ଅଙ୍କ ନେତୃତ୍ୱରେ ଏହି କ୍ଷୁଦ୍ର ସଂପ୍ରଦାୟ ମାର୍ଗ ପ୍ରସ୍ତୁତ କଲା ଏବଂ ଯୁଦ୍ଧଭୂମିରେ ଉପସ୍ଥିତ ଥିବା ଯେଉଁ ଇସ୍‌ଲାମୀୟ ସୈନ୍ୟବାହିନୀ ଆଁହଜରତ୍ ସ.ଅଙ୍କ ଶାହାଦତ୍ (ବୀରଗତି)ର ଖବର ଶୁଣି ନିରୁତ୍ସାହିତ ହୋଇଯାଇଥିଲା ସେହି ଇସ୍‌ଲାମୀୟ ସୈନ୍ୟବାହିନୀ ଆଡ଼କୁ ଆଁହଜରତ ସ.ଅ ଅଗ୍ରସର ହେଲେ । ଅତଏବ୍ ମକ୍କାର ଅବିଶ୍ୱାସକାରୀମାନେ ମଧ୍ୟ ଇସ୍‌ଲାମୀୟ ସୈନ୍ୟବାହିନୀର ପ୍ରତ୍ୟାବର୍ତ୍ତନକୁ ଅସଫଳ କରିବା ନିମନ୍ତେ ଅତର୍କିତ ଭାବରେ ଭୀଷଣ ଆକ୍ରମଣ ଆରମ୍ଭ କରିଦେଲେ । କିନ୍ତୁ ରସୁଲୁଲ୍ଲାଃ ସ.ଅଙ୍କ ପଛକୁ ହଟିବାର ତାତ୍ତ୍ୱିକପୂର୍ଣ୍ଣ ବ୍ୟବହାରିକତା ମଧ୍ୟ ଏଭଳି ସଫଳ ଥିଲା ଯେ, ମୁଠାଏ କ୍ଷୁଦ୍ର ଦଳ ଅର୍ଦ୍ଧ ବୃତ୍ତାକାର ଆକାରରେ ସମସ୍କନ୍ଧ ହୋଇ ଶତ୍ରୁର ଆକ୍ରମଣକୁ ପ୍ରତିହତ ଏବଂ ଅସଫଳ କରି ଅନୁଭବ ହୀନ ଢଙ୍ଗରେ ଘାଟି ଅଭିମୁଖେ ପଳାୟନ କରୁଥିଲା। ଶତ୍ରୁମାନେ ଘରାଉ କରିବା ପାଇଁ ଆପ୍ରାଣ ଉଦ୍ୟମ ଏବଂ ଶକ୍ତି ବିନିଯୋଗ କଲେ । କିନ୍ତୁ ଆପଣ ସ.ଅ ସେହି ଆକ୍ରମଣକାରୀଙ୍କର ଭୀଡ଼କୁ ବିଦୀର୍ଣ୍ଣ (ଚିରି) କରି ମାର୍ଗ ପ୍ରସ୍ତୁତ କରି ନେଇଥିଲେ । **(ଗଜ୍‌ୱାଦ୍ ୱ ସରାୟା, ପୃ-199-201, ପ୍ରକାଶନ ସ୍ଥାନ-ଫରିଦିୟାହ୍ ପ୍ରିଣ୍ଟିଂ ପ୍ରେସ୍ ସାହିୱାଲ୍)**

ଓହୋଦ୍ ଯୁଦ୍ଧ ଅବସରରେ ନିଦ୍ରା ଏବଂ ତନ୍ଦ୍ରାବସ୍ଥା ଆଚ୍ଛନ୍ନ ହେବାର ମଧ୍ୟ ଚର୍ଚ୍ଚା ମିଳେ । ଅର୍ଥାତ୍ ଯେଉଁ ସାହାବାମାନେ ଯୁଦ୍ଧ ଲଢୁଥିଲେ ସେମାନଙ୍କ ଉପରେ ନିଦ୍ରାବସ୍ଥା ପ୍ରସାରିତ ହୋଇଗଲ । ଅଲ୍ଲାଃତାଲା ଏଭଳି ସ୍ଥିତି ଉତ୍ପନ୍ନ କରିଦେଲେ ଯେ, ସାହାବାମାନଙ୍କୁ ନିଦ ଆସିଗଲା । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ହ. ଜୁବୈର୍ ବିନ୍ ଅୱାମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧର ଯେତେବେଳେ କଡ଼ ପରିବର୍ତ୍ତନ ହେଲା ସେତେବେଳେ ମୁଁ ଆପଣ ସ.ଅଙ୍କୁ ନିଜ ପାଖରେ ପାଇଲି। ଆମେମାନେ ସମସ୍ତେ ଯେତେବେଳେ ସ୍ତବ୍ଧ ଏବଂ ଭୟଭୀତ ଥିଲୁ ସେତେବେଳେ ଆମମାନଙ୍କ ଉପରେ ନିଦ୍ରାବସ୍ଥା ଅବତୀର୍ଣ୍ଣ କରିଦିଆଗଲା । ଏହା ଏଭଳି ସ୍ଥିତି ଥିଲା

ଯେ, ଏପରି ପ୍ରତୀୟମାନ ହେଉଥିଲା ଯେ, ଆମମାନଙ୍କର ଉପରେ ଉଙ୍ଘିବା ଆବସ୍ଥା ଅଭିଭୂତ (ବିସ୍ତାରିତ) ହୋଇଗଲା । ଅର୍ଥାତ୍ ନିଦ୍ରାବସ୍ଥା ଆମମାନଙ୍କ ଉପରେ କାୟା ବିସ୍ତାର କଲା । ସୁତରାଂ ଆମମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ନଥିଲା ଯାହାର ଥୋବଣୀ ତା' ଛାତିରେ ନଥିବ । ଅର୍ଥାତ୍ ନିଦ୍ରା ଓ ଉଙ୍ଘିବା ଅବସ୍ଥାରେ ମୁଣ୍ଡ ପାତି ହୋଇଯାଉଥିଲା ।

ହ. ଜୁବୈର୍ ବିନ୍ ଅୱାମ୍ ର.ଅ କୁହନ୍ତି ଯେ, ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ମୋତେ ଏପରି ପ୍ରତିତ ହେଉଥିଲା ଯେପରି ମୁଅତ୍ତିବ୍ ବିନ୍ କୁଶୈର୍‌ଙ୍କ ସ୍ୱର ସ୍ୱପ୍ନରେ ମୋତେ ଶୁଭୁଛି । ସେ କହୁଥିଲେ ଯେ, ଆମମାନଙ୍କୁ ଯଦି ନିଷ୍ପତ୍ତି ନେବା ନିମନ୍ତେ ଅଧିକାର ପ୍ରଦାନ କରାଯାଇଥାଆନ୍ତା ତେବେ ଆମେମାନେ କେବେ ବି ଏଠାରେ ମୃତ୍ୟୁବରଣ କରି ନଥାଆନ୍ତୁ । ମୁଅତ୍ତିବ୍ ବିନ୍ କୁଶୈର୍ ଅନ୍‌ସାରୀ ଜଣେ ସାହାବି ଥିଲେ ଏବଂ ଆପଣ ର.ଅ ବୈଅତ୍ ଅକ୍‌ବା, ବଦର୍ ଯୁଦ୍ଧ ଓ ୱହୋଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହ. ଜୁବୈର୍ ବିନ୍ ଅୱାମ୍ ର.ଅ କହିଲେ, ମୁଁ ଯେତେବେଳେ ଉକ୍ତ ସ୍ୱପ୍ନାବସ୍ଥାରେ ଦେଖିଲି ସେତେବେଳେ ତାଙ୍କର ଏହି ପଦକୁ ମୁଖସ୍ତ କରିନେଲି। ଇତ୍ୟବସରରେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ: ثُمَّ اَنْزَلَ عَلَيْكُمْ مِّنْ بَعْدِ الْغَمِّ اَمَنَةً نُّعَاسًا يَّغْشٰى طَآئِفَةً مِّنْكُمْ ۙ وَطَآئِفَةٌ قَدْ اَهَمَّتْهُمْ اَنْفُسُهُمْ يَظُنُّوْنَ بِاللّٰهِ غَيْرَ الْحَقِّ ظَنَّ الْجَاهِلِيَّةِ ؕ يَقُوْلُوْنَ هَلْ لَّنَا مِنَ الْاَمْرِ مِنْ شَيْءٍ ؕ قُلْ اِنَّ الْاَمْرَ كُلَّهٗ لِلّٰهِ **(ଆଲେ ଇମ୍ରାନ୍: 155)** ଅର୍ଥାତ୍ ତପୂରେ ଏହି ଦୁଖ ପରେ ସେ ତୁମମାନଙ୍କ ପ୍ରତି ମାନସିକ ଶାନ୍ତି ଅର୍ଥାତ୍ ତନ୍ଦ୍ରା ଅବତୀର୍ଣ୍ଣ କଲେ ଯାହା ତୁମମାନଙ୍କ ମଧ୍ୟରୁ ଏକ ଦଳକୁ ଅଭିଭୂତ କରୁଥିଲା ଏବଂ ଅନ୍ୟ ଏକ ଦଳ ନିଜ ପ୍ରାଣ ପାଇଁ ଚିନ୍ତିତ ଥିଲେ । ସେମାନେ ଅଲ୍ଲାଃତାଲାଙ୍କ ସମ୍ବନ୍ଧରେ ଅଜ୍ଞତାପୂର୍ଣ୍ଣ କଳ୍ପନା ସଦୃଶ ମିଥ୍ୟା କଳ୍ପନା କୁରଥିଲେ । ସେମାନେ କହୁଥିଲେ ଏ ପ୍ରସଙ୍ଗରେ ଅମମାନଙ୍କର କିଛି କହିବାର ଅଛି କି ? ତୁମ୍ଭେ କୁହ ! ସମସ୍ତ ସିଦ୍ଧାନ୍ତ ଅଲ୍ଲାଃତାଲାଙ୍କର ।

ହ. କାଆବ୍ ବିନ୍ ଅମ୍ର ଅନ୍‌ସାରୀ ର.ଅ ବର୍ଣ୍ଣନା କଲେ ଯେ, ୱହୋଦ୍ ଯୁଦ୍ଧ ଦିନ ଏକ ଅବସରରେ ମୁଁ ନିଜ ଜାତିର 14 ଜଣ ବ୍ୟକ୍ତିଙ୍କ ସହିତ ଆଁହଜରତ ସ.ଅଙ୍କ ନିକଟରେ ଥିଲେ । ସେହି ଜାତି ଅର୍ଥାତ୍ ଦଳ ଉପରେ ତନ୍ଦ୍ରା ଅଭିଭୂତ ହୋଇଗଲା। ଉକ୍ତ ତନ୍ଦ୍ରାବସ୍ଥାଟି ଶାନ୍ତି ସ୍ୱରୂପ ଥିଲା । ଅର୍ଥାତ୍ ଅତ୍ୟନ୍ତ ଶାନ୍ତିଦାୟକ ନିଦ୍ରା ଥିଲା । ଯୁଦ୍ଧ ପରିସ୍ଥିତି ଥିଲା । କିନ୍ତୁ ତାହା ଏଭଳି ତନ୍ଦ୍ରାବସ୍ଥା ଥିଲା ଯାହା ଆମମାନଙ୍କୁ ଅତ୍ୟନ୍ତ ଶାନ୍ତି ପ୍ରଦାନ କରୁଥିଲା । ଏପରି କୌଣସି ବ୍ୟକ୍ତି ନଥିଲା ଯାହାର ଛାତି ଭିତରୁ ଘଡ଼ ଘଡ଼ ଘୁଂଘୁଡ଼ି ଶବ୍ଦ ବାହରୁ ନଥିଲା । ଜୁବୈର୍ ବିନ୍ ଅୱାମ୍ ର.ଅ କହୁନ୍ତି: "ମୁଁ ଦେଖିଲି ଯେ, ବିଶର୍ ବିନ୍ ବରାଆ ବିନ୍ ମାଆରୁର୍ ର.ଅଙ୍କ ହସ୍ତରୁ ଖଡ଼୍‌ଗ ଖସି ପଡ଼ିଲା ଏବଂ ଖଡ଼୍‌ଗ ଖସି ପଡ଼ିବାର ସେ ଜାଣି ମଧ୍ୟ ପାରିଲେ ନାହିଁ । କିନ୍ତୁ ଅବିଶ୍ୱାସକାରୀମାନେ ଆମମାନଙ୍କ ଉପରେ ସମୁଦ୍ର ପରି ମାଡ଼ି ଆସୁଥିଲେ ।" **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ310, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଉସ୍‌ଦୁଲ୍ ଗାବା, ଭାଗ-5, ପୃ-216, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ଆୟତ୍‌ର ବ୍ୟାଖ୍ୟା କରି ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଏହା ଉଲ୍ଲେଖ କରନ୍ତି: "ସେ ଯାହା ହେଉ ସମ୍ଭବତଃ ବିଶର ବିନ୍ ବରାଆ ବିନ୍ ମାଆରୁର୍ ର.ଅଙ୍କୁ ଏହା ଅନୁଭବ ହୋଇଥିବ ଯେ, ଖଡ଼୍‌ଗ ଖସିଗଲା । କାରଣ ସେତେବେଳେ ଏହିଭଳି ତନ୍ଦ୍ରାବସ୍ଥା ତ' ଅବଶ୍ୟ ଥିଲା । କିନ୍ତୁ ସାହାବା ଓ ବିଶର୍ ବିନ୍ ବରାଆ ର.ଅଙ୍କ ହସ୍ତରେ ଯେଉଁ ଅସ୍ତ୍ରଶସ୍ତ୍ର ରହିଥିଲା ତାହାକୁ ସାହାବାମାନେ ଦୃଢ ରୂପେ ଧରିଥିଲେ। ଖଡ଼୍‌ଗ ଯଦି ତଳେ ଖସିବାକା ଲାଗୁଥିଲା ସେତେବେଳେ ସେମାନଙ୍କୁ ଏକ ଝଟ୍‌କା ଲାଗୁଥିଲା। ଏହାର ବ୍ୟାଖ୍ୟା ଏହିପରି ଯେ, اَمَنَةً نُّعَاسًا ବିଭିନ୍ନ ପକ୍ଷ ଦୃଷ୍ଟିରୁ ଉକ୍ତ ଆୟତ୍‌ର ଯେଉଁ ଅନୁବାଦ ହୋଇଛି ଏହା ତାହାର ସାରାଂଶ ଅଟେ । ଅତଃ ସାରାଂଶର ଉକ୍ତ ଅର୍ଥ ହେବ ଯେ, ଅଲ୍ଲାଃ ଦୁଃଖ ପରେ ଏଭଳି ଶାନ୍ତି ଅବତୀର୍ଣ୍ଣ କଲେ ଯାହାକୁ ନିଦ୍ରା ମଧ୍ୟ କୁହାଯାଇପାରିବ କିମ୍ବା ଅଲ୍ଲାଃତାଲା ଏପରି ତନ୍ଦ୍ରାବସ୍ଥା ପ୍ରଦାନ କଲେ ଯେ, ଯାହାକି ମାନସିକ ଶାନ୍ତି ଦାୟକ ଥିଲା । ଅଲ୍ଲାଃତାଲା ସେହି ମାନସିକ ଶାନ୍ତି ପ୍ରଦାନ କଲେ ଯାହା ନିଦ୍ରା ସଦୃଶ ପ୍ରଭାବର ଅଧିକାରୀ ଥିଲା ଅବା ନିଦ୍ରା ଅବସ୍ଥାରେ ଅନ୍ତର୍ଭୁକ୍ତ ଥିଲା । اَمَنَةً نُّعَاسًا ର ଅର୍ଥ ତନ୍ଦ୍ରାବସ୍ଥା ଅଟେ। ସାମୟିକ ରୂପେ ମୁଣ୍ଡ ତଳକୁ ଆନତ କରିବା ଦ୍ୱାରା ସ୍ୱପ୍ନ ରାଇଜରେ ବୁଡ଼ିଯିବାକୁ ମଧ୍ୟ ଅମନତନ୍ ନୁଆସନ୍ କୁହାଯାଏ । କିନ୍ତୁ ଏଠାରେ نُّعَاسًا ର ଅର୍ଥ ନିଦ୍ରା ନୁହେଁ ବରଂ ସେହି ଅବସ୍ଥାକୁ ଦର୍ଶାଏ ଯାହା ଚୈତନ୍ୟ ଏବଂ ନିଦ୍ରାର ମଧ୍ୟବର୍ତ୍ତୀ ଅବସ୍ଥାକୁ ବୁଝାଏ । ମନୁଷ୍ୟ ଶୟନ (ଶୋଇବା) ପୂର୍ବରୁ ମଝିରେ ଏମିତି ଏକ ଅବସ୍ଥା ଏବଂ ଏମିତି ଏକ ସ୍ଥାନ ଆସେ ଯେଉଁଠି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗକୁ ଏକ ଶାନ୍ତି ପ୍ରାପ୍ତ ହୋଇଥାଏ ତାହା ହିଁ ପରମ ଶାନ୍ତି ଓ ପରମ ଆନନ୍ଦମୂଳକ ତୃପ୍ତତା ଅଟେ । ଏହି ଶାନ୍ତି ଯଦି ଅବ୍ୟାହତ ରହେ ତେବେ ତାହା ନିଦ୍ରାରେ ରୂପାନ୍ତରିତ ହୋଇଯାଇଥାଏ। ଏହିଭଳି ଅବସ୍ଥାରେ ମନୁଷ୍ୟ ଯଦି ପଥରେ ଚାଲେ ତେବେ ସେ ପଡ଼ିବ ନାହିଁ । ପଡ଼ିବା ପୂର୍ବରୁ ତା'କୁ ଏକ ଝଟ୍‌କା ଲାଗିବ । ଫଳତଃ ସେ ଜାଣି ପାରିବ ଯେ, ମୁଁ କେଉଁ ଅବସ୍ଥାରେ ଥିଲି । କିନ୍ତୁ ଯଦି ନିଦ ଆସିଯାଏ ତେବେ ମାଂଶପେଶୀ ଉପରେ, ନିଜର ଅଙ୍ଗପ୍ରତ୍ୟେଙ୍ଗ ଉପରେ ନିଦର କୌଣସି ଅଧିକାର ଆଉ ରହି ନଥାଏ । ସେ ଯାହା ହେଉ ସମ୍ଭବତଃ ବିଶର୍ ବିନ୍ ବରାଅ ର.ଅଙ୍କୁ ଏହି ସେହି ଅବସ୍ଥାରେ ଗଭୀର ନିଦ ମଧ୍ୟ ଆସିଯାଇଥିବ। କିନ୍ତୁ ଯୁଦ୍ଧାବସ୍ଥା ସତ୍ତ୍ୱେ ତାହା ପ୍ରକୃତରେ ଶାନ୍ତି ଦାୟକ ଅବସ୍ଥା ଥିଲା । ସେହି ଅବସ୍ଥାରେ ମନୁଷ୍ୟ ବେଳେବେଳେ ତଳେ ପଡ଼ିଯାଏ । ଯଦି ଉକ୍ତ କଥାକୁ ସଠିକ୍ ବୋଲି ମନେକରାଯାଏ ତେବେ ସେହି କାରଣରୁ ତା'ଙ୍କର ହସ୍ତ ଯେତେବେଳେ ଟିକିଏ ଢିଲା ହେଲା ସେତେବେଳେ ଖଡ଼୍‌ଗ ଖସି ପଡ଼ିଲା । ସେ ଯାହା ହେଉ ନା କାହିଁକି ଉକ୍ତ ଅବସ୍ଥାଟି ଏଭଳି ଏକ ଅବସ୍ଥା ହୋଇଥାଏ ଯହିଁରେ ତୁରନ୍ତ ମନୁଷ୍ୟ ଅନୁଭବ କରିନିଏ ଯେ, ମୁଁ ନିଦ୍ରାବସ୍ଥାକୁ ଯାଉଅଛି ଓ ପୁନଶ୍ଚ ମନୁଷ୍ୟକୁ ଝଟ୍‌କା ଦ୍ୱାରା ଜାଗ୍ରତ ହୋଇ ଯାଇଥାଏ । ଅର୍ଥାତ୍ ଚେଇଁ ପଡ଼େ । ଅତଏବ୍ ଅଲ୍ଲାଃତାଲା କୁହନ୍ତି ଯେ, ଆମେମାନେ ତୁମମାନଙ୍କୁ ଏଭଳି ଏକ ଶାନ୍ତି ଦାୟକ ଅବସ୍ଥା ପ୍ରଦାନ କିରଛୁ ଯାହା ନିଦ୍ରାବସ୍ଥା ସହିତ ସଦୃଶ ଥିଲା । କିନ୍ତୁ ନିଦ ପରି ଏତେ ଗଭୀର ନିଦ ଥିଲା ଯେ, ତୁମେମାନେ ନିଜ ଉପରେ, ନିଜର ମାଂଶପେଶୀ ଉପରେ ଆଉ କୌଣସି ନିୟନ୍ତ୍ରଣ ରଖି ପାରିଲ ନାହିଁ । ତାହା ଶାନ୍ତି ଅବଶ୍ୟ ପ୍ରଦାନ କରୁଥିଲା । କିନ୍ତୁ ତାହା ତୁମମାନଙ୍କୁ (ସାହାବାମାମନଙ୍କୁ) ଶକ୍ତିହୀନ (ନିସ୍ତେଜ) କରୁ ନଥିଲା । "

ସେହିପରି ବୁଖାରୀର ହଦିସ୍‌ରେ ଅବୁ ତଲ୍‌ହା ର.ଅ କହୁନ୍ତି: "ୱହୋଦ୍ ଯୁଦ୍ଧ ଦିନ ଠିକ୍ ଯୁଦ୍ଧ ସମୟରେ ଆମମାନଙ୍କୁ ନିଦ ଆସି ଧର ପକାଇଲା । ଅର୍ଥାତ୍ ନିଦ ଆସିଗଲା । ଏହି ନିଦ୍ରା ହେଉଛି ସେହି ତନ୍ଦ୍ରାବସ୍ଥା ଯାହାର ଚର୍ଚ୍ଚା ପୂର୍ବେ ହୋଇ ସାରିଛି । ଅତଏବ୍ ହ. ତଲ୍‌ହା ର.ଅ କୁହନ୍ତି ଯେ, ଖଡ଼୍‌ଗଟି ମୋ ହସ୍ତରୁ ଖସିବାକୁ ଥିଲା କି ମୁଁ ଖଡ଼୍‌ଗ ଧରି ନେଉଥିଲି । ସୁତରାଂ ଉକ୍ତ ହଦିସ୍ ଏହା ସୂଚାଏ ଯେ, ତାହା ଏହିଭଳି ନିଦ୍ରାବସ୍ଥା ନଥିଲା ଯେ, ହାତରୁ ଜିନିଷ ତଳେ ଖସି ପଡ଼ିବ । କିମ୍ବା ଚାଲୁ ଚାଲୁ ଆମେ ଖସି ପଡ଼ିବୁ । ତାହା ଶାନ୍ତି ଓ ତୃପ୍ତତା ଥିଲା । କିନ୍ତୁ ତଥାପି ଏକ ପକ୍ଷରେ ଆମେମାନେ ନିଜର ମାଂଶପେଶୀ ଏବଂ ଅଙ୍ଗପ୍ରତ୍ୟେଙ୍ଗ ଉପରେ ନିୟନ୍ତ୍ରଣ ରଖିଥିଲୁ। ଆମେମାନେ ଯେତେବେଳେ ତଳେ ପଡ଼ିବାକୁ ଯାଉଥିଲୁ ସେତେବେଳେ ନିଜର ଖଡ଼୍‌ଗ ପୁନଶ୍ଚ ଧରି ପକାଉଥିଲୁ । ଅର୍ଥାତ୍ ଏହା ତନ୍ଦ୍ରାବସ୍ଥାର ଏକ ଅଂଶବିଶେଷ ଅଟେ । କୌଣସି ସହସା ନିଦ ସେମିତି ଆସିଯାଇ ନଥିଲା । ବରଂ ଉକ୍ତ ଅବସ୍ଥାଟି ସେହି ଅବସ୍ଥା ଥିଲା ଯାହାକି ସେହି ଲୋକ ଅର୍ଥାତ୍ ସାହାବାମାନଙ୍କ ଉପରେ କିଛି ସମୟ ପର୍ଯ୍ୟନ୍ତ ଜାରି ବା ଲାଗି ରହିଥିଲା ।"

ତିର୍ମିଜି ଅବ୍‌ୱାବୁତ୍ ତଫସିର୍‌ରେ ହ. ଅବୁ ତଲ୍‌ହା ର.ଅ ବର୍ଣ୍ଣନା କରନ୍ତି ଯେ, ୱହୋଦ୍ ଯୁଦ୍ଧ ଦିନ ମୁଁ ଯେତେବେଳେ ମୁଣ୍ଡ ଟେକି ଦେଖିବାକୁ ଲାଗିଲି ସେତେବେଳେ ପ୍ରତ୍ୟେ ବ୍ୟକ୍ତି ତନ୍ଦ୍ରାବସ୍ଥାରେ ଘୁମେଇ ନିଜର ଢାଲ ଆଡ଼କୁ ମୁଣ୍ଡ ତଳକୁ କରୁଥିଲା । ଜାଗ୍ରତାବସ୍ଥା ଯୋଗୁଁ କିମ୍ବା କ୍ଳାନ୍ତ ଯୋଗୁଁ ସେହି ସାହାବାମାନଙ୍କର ଅତ୍ୟନ୍ତ ଶୋଚନୀୟ ଅବସ୍ଥା ହୋଇଯାଇଥିଲା । ଏଭଳି ପରିସ୍ଥିତିରେ ଅଲ୍ଲାଃତାଲାଙ୍କ ପକ୍ଷରୁ ଏହି ଶାନ୍ତିର ଅବସ୍ଥା ପ୍ରାପ୍ତ ହେଉଥିଲା । ଅର୍ଥାତ୍ ଏହିଭଳି ଦୃଶ୍ୟ ଦୃଶ୍ୟମାନେ ହେଲା ଯାହା ସାଧାରଣ ଥିଲା । ଏହା କୌଣସି ଦୈବାତ୍ ସଂଯୋଗ, କ୍ଳାନ୍ତ ଜନିତ ସଂଗ୍ରାମକାରୀ ବ୍ୟକ୍ତି ଉପରେ ଚରିତାର୍ଥ ହେଉଥିବା ଅବସ୍ଥା ନଥିଲା । ବରଂ ସମସ୍ତ ସଂଗ୍ରାମକାରୀମାନେ ଯେଉଁମାନେ ପୁଣ୍ୟଶ୍ଳୋକ ହ. ମୁହମ୍ମଦ୍ ସ.ଅଙ୍କ ସହିତ ଯୁଦ୍ଧରେ ଶତ୍ରୁ ବିପକ୍ଷରେ ସିଧା ସଳଖ ସାମିଲ ଥିଲେ । ସେହି ସମସ୍ତ ସାହାବାମାନଙ୍କ ଉପରେ ସହସା ଆକାଶରୁ ଏଭଳି ଏକ ବସ୍ତୁ ଅବତୀର୍ଣ୍ଣ ହୋଇଅଛି ଏବଂ ସେହି ଅବସ୍ଥା ସେମାନଙ୍କୁ ଆଚ୍ଛନ୍ନ ଅର୍ଥାତ୍ ଅଭିଭୂତ କରିନେଲା । ସାହାବାମାନଙ୍କୁ ଏହି ସମୟରେ ଯେଉଁ ଜିନିଷର ଆବଶ୍ୟକତା ଥିଲା ତାହା ଏହିକି ଯେ, ନିଜର ମାଂଶପେଶୀକୁ ରିଫ୍ରେଶ୍ କରିବା, ଶରୀରକୁ ସତେଜ କରିବାର ଘୋର ଆବଶ୍ୟକତା ରହିଥିଲା । ସେହି ସମୟଟି ଶୋଇବା ସମୟ ନଥିଲା । ଅତଏବ୍ ଯେତେବେଳେ ଏହିଭଳି ପରିସ୍ଥିତି ହୁଏ, ଏହିଭଳି କ୍ଳାନ୍ତର ଅବସ୍ଥା ହୁଏ ତେବେ ମନୁଷ୍ୟ ଉପରେ ଏଭଳି ଅବସ୍ଥା ବିସ୍ତାରିତ ହୋଇଯାଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସମସ୍ତ ଜାତି ଅର୍ଥାତ୍ ମୁସଲମାନମାନଙ୍କର ଗୋଷ୍ଠୀ ଏକ ସମୟରେ ଏଭଳି ଏକ ନିଦ୍ରାବସ୍ଥାକୁ ଚାଲିଯିବା ଯେତେବେଳେ ଯୁଦ୍ଧ ଚାଲିଥିଲା ଓ ଶତ୍ରୁର ଆକ୍ରମଣର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥିଲା

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଥିବ ସେତବେଳେ ଏହା ଅନନ୍ୟତା ଅଟେ ଏବଂ ଏହା ଚମତ୍କାର ଅଟେ । ଏହା କୌଣସି ସଂଯୋଗବଶତଃ ଘଟଣା ନୁହେଁ । କେତେକ ବ୍ୟକ୍ତିଙ୍କ ପକ୍ଷରେ ଏହିଭଳି ଘଟଣା ଘଟିଯାଇଥାଏ । କିନ୍ତୁ ଏହା କୌଣସି ସଂଯୋଗବଶତଃ ଘଟଣା ନୁହେଁ । ଏହା ଏକ ଚମତ୍କାର ଅଟେ । ଏହା ଅଲ୍ଲାଃତାଲାଙ୍କ ପକ୍ଷରୁ ଏକ ବିଶେଷ ଶାନ୍ତିଦାୟକ ଅବସ୍ଥା ସାହାବାମାନଙ୍କୁ ସେତେବେଳେ ପ୍ରଦାନ କରାଯାଇଥିଲା । **(ଦର୍ସୁଲ୍ କୁରଆନ୍, ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଦ୍ୱାରା ପ୍ରଦତ୍ତ, ରମଜାନୁଲ୍ ମୁବାରକ୍ ମାସର ଷଷ୍ଠ ଦିବସ, ଫେବୃୟାରୀ ମାସ 1994 ମସିହାରୁ ଉଦ୍ଧୃତ)**

ଅଲ୍ଲାମା ଅବ୍ଦୁର୍ ରଜ୍ଜାକ୍ ଜୁହ୍‌ରୀ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ମୁଖମଣ୍ଡଳରେ ଓହୋଦ୍ ଯୁଦ୍ଧ ଦିନ 70ଟି ପ୍ରହାର କରାଯାଇଥିଲା । ସେହି ସମସ୍ତ ପ୍ରହାରରୁ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ରକ୍ଷା କରିଥିଲେ । ଇବ୍‌ନେ ହଜର୍ ଅସ୍କଲାନୀ ବର୍ଣ୍ଣନା କରନ୍ତି ଯେ, ଏହି ଆଶଙ୍କା ମଧ୍ୟ ରହିଛି ଯେ, ଜୁହରୀ 70ରୁ ବାସ୍ତବରେ 70 ହିଁ ଯଥାର୍ଥ ନେଇଛନ୍ତି କିମ୍ବା ଉକ୍ତ ଆଧିକ୍ୟତାରେ ଅତିଶୟୋକ୍ତି ପ୍ରୟୋଗ ହୋଇଛି ବୋଲି ଯଥାର୍ଥ ନେଇଛନ୍ତି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-198, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯୁଦ୍ଧରେ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖରେ ରହୁଥିଲା ସେହି ବ୍ୟକ୍ତି ହିଁ ବୀର ବୋଲି ପରିଚିତ ହେଉଥିଲା । କାରଣ ଆପଣ ସ.ଅ ଅତ୍ୟନ୍ତ ବିପଦପୂର୍ଣ୍ଣ ସ୍ଥାନରେ ରହୁଥିଲେ । **ସୁବ୍‌ହାନଲ୍ଲାଃ** ! ଅର୍ଥାତ୍ ଅଲ୍ଲାଃତାଲା ପବିତ୍ର ଅଟନ୍ତି । ଏହା କି ମର୍ଯ୍ୟାଦା ଅଟେ । ଦେଖ ! ଓହୋଦ୍ ଯୁଦ୍ଧରେ ଖଡ୍‌ଗ ସହିତ ଖଡ୍‌ଗ ମୁହାଁମୁହିଁ ହେଉଥିଲା । ଏହିଭଳି ଘମାସାନ୍ ଯୁଦ୍ଧ ହେଉଥିଲା ଯେ, ସାହାବାମାନେ ସହ୍ୟ କରିପାରୁ ନଥିଲେ । କିନ୍ତୁ ଏହି ମହାପୁରୁଷ ହ. ମୁହମ୍ମଦ ସ.ଅ ଯୁଦ୍ଧ ଭୂମିରେ ବୀରଙ୍କ ପରି ଲଢୁଥିଲେ । ତହିଁରେ ସାହାବାମାନଙ୍କର କିଛି ଦୋଷ ନଥିଲା । ଅଲ୍ଲାଃତାଲା ସେମାନଙ୍କୁ କେବଳ କ୍ଷମା ପ୍ରଦନା କଲେ ନାହିଁ ବରଂ ତହିଁରେ ଏହି ରହସ୍ୟ ଥିଲା ଯେ, ରସୁଲୁଲ୍ଲାଃ ସ.ଅଙ୍କ ସାହାସିକତାର ଉଦାହରଣ ପ୍ରଦର୍ଶନ କରାଯାଉ ।" ଆପଣ ଅ.ସ କୁହନ୍ତି: "ଏକ ସମୟରେ ଖଡ୍‌ଗ ଉପରେ ଖଡ୍‌ଗ ପ୍ରହାର ହେଉଥିଲା । ଆପଣ ସ.ଅ ଅବତାରତ୍ୱର ଦାବି କରୁଥିଲେ ଯେ, ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟେ । ହୁଜୁର୍ ସ.ଅଙ୍କ କପାଳରେ 70ଟି କ୍ଷତ ଚିହ୍ନ ଥିଲା କିନ୍ତୁ ତାହା ହାଲୁକା ଓ ସାମାନ୍ୟ କ୍ଷତ ଥିଲା । ଏହା ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଥିଲା ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-115, ସଂସ୍କରଣ ବର୍ଷ 2022 ମସିହା)**

ଆଁହଜରତ ସ.ଅଙ୍କ ଗର୍ତ୍ତ ମଧ୍ୟରେ ଖସି ପଡ଼ିବାର ବର୍ଣ୍ଣନା ଏହିପରି ବର୍ଣ୍ଣିତ ହୋଇଛି ଯେ, କପଟ ବିଶ୍ୱାସୀ ଅବୁ ଆମିର୍ ସ୍ଥାନେ ସ୍ଥାନେ ଗର୍ତ୍ତ ଖୋଳି ଦେଇଥିଲା। କାରଣ ମୁସଲମାନମାନେ ଅବଚେତନ ଅବସ୍ଥାରେ ଏହି ଗର୍ତ୍ତମାନଙ୍କରେ ଖସି ପଡ଼ନ୍ତୁ ଓ କ୍ଷତି ସହ୍ୟ କରନ୍ତୁ । ଆଁହଜରତ ସ.ଅ ମଧ୍ୟ ଉକ୍ତ ଗର୍ତ୍ତ ମଧ୍ୟରୁ ଏକ ଗର୍ତ୍ତରେ ଅଜ୍ଞାତ ଅବସ୍ଥାରେ ଖସି ପଡ଼ିଲେ । ଆପଣ ସ.ଅ ମୂର୍ଚ୍ଛା (ଚେତାଶୂନ୍ୟ) ହୋଇଯାଇଥିଲେ ଓ ଆପଣ ସ.ଅ ଉଭୟ ଆଣ୍ଠୁ ଆହତ ହୋଇଯାଇଥିଲା । ହ. ଅଲୀ ର.ଅ ଶୀଘ୍ର ଆଗକୁ ବଢ଼ି ଆପଣ ସ.ଅଙ୍କୁ ନିଜ ହାତରେ ଧରି ପକାଇଲେ ଓ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଆପଣ ସ.ଅଙ୍କୁ ଉପରକୁ ଟେକି ଉକ୍ତ ଗର୍ତ୍ତରୁ ବାହାର କଲେ । ଆଁହଜରତ ସ.ଅଙ୍କ ଗର୍ତ୍ତରେ ପଡ଼ିବାର କାରଣ ଇବ୍‌ନେ କମିୟାହ୍ ଥିଲା । କାରଣ ସେ ଆଁହଜରତ ସ.ଅଙ୍କ ଉପରେ ଖଡ୍‌ଗ ଦ୍ୱାରା ଆକ୍ରମଣ କରିଥିଲା । ଖଡ୍‌ଗ ଆପଣ ସ.ଅଙ୍କ ବେକରେ ପଡ଼ିଥିଲା (ବାଜିଥିଲା) । କିନ୍ତୁ ଆପଣ ସ.ଅଙ୍କର କୌଣସି କ୍ଷତି ଘଟାଇ ପାରିଲା ନାହିଁ କି କୌଣସି ପ୍ରଭାବ ମଧ୍ୟ ପକାଇ ପାରିଲ ନାହିଁ । କିନ୍ତୁ ଉକ୍ତ ଖଡ୍‌ଗର ପ୍ରହାର ଯୋଗୁଁ ଆପଣ ସ.ଅଙ୍କ ବେକରେ ଏତେ ଜୋରରେ ଝଟକା ଆସିଲା ଯେ, ଏହାପରେ ଏକ ମାସ କିମ୍ବା ତତ୍ପୂର୍ଦ୍ଧ ମାସ ପର୍ଯ୍ୟନ୍ତ ଉକ୍ତ ପ୍ରହାରର ବ୍ୟଥା ଆପଣ ସ.ଅଙ୍କ ବେକରେ ହେଉଥିଲା । ତତ୍‌ସହିତ ଇବନେ କମିୟାହ୍ ଆପଣ ସ.ଅଙ୍କ ଉପରେ ପଥର ଫିଙ୍ଗିବା ଆରମ୍ଭ କଲା । ସେହି ପଥର ମଧ୍ୟରୁ ଗୋଟିଏ ପଥର ଆସି ଆପଣ ସ.ଅଙ୍କ ବାହୁରେ ବାଜିଲା । ସେପଟେ ଉତ୍‌ବା ବିନ୍ ଅବି ଓକ୍କାସ ଯେକି ହ. ସାଆଦ୍ ବିନ୍ ଅବି ଓକ୍କାସଙ୍କ ଭାଇ ଥିଲା । ସେ ଆଁହଜରତ ସ.ଅଙ୍କ ଉପରେ ଏକ ପଥର ଜୋରରେ ଟାଣି ମାରିଲା । ଉକ୍ତ ପଥର ଆପଣ ସ.ଅଙ୍କ ମୁହଁରେ ଆସି ବାଜିଲା । ଫଳରେ ଆପଣ ସ.ଅଙ୍କ ରୁବାଇ ଅର୍ଥାତ୍ ସମ୍ମୁଖ ଭାଗ ଦୁଇ ଦାନ୍ତ ଏବଂ ତୀକ୍ଷ୍ଣ ଦୁଇ ଦାନ୍ତର ମଧ୍ୟବର୍ତ୍ତୀ ଦାନ୍ତ ଭାଙ୍ଗିଗଲା । ତତ୍‌ସହିତ ନିମ୍ନ ଭାଗର ଓଠ ମଧ୍ୟ ଫାଟିଗଲା । ଇମାମ୍ ଇବ୍‌ନେ ହଜର୍ ଅସ୍କଲାନୀ ରହେମତୁଲ୍ଲାଃ ଅଲେି ବର୍ଣ୍ଣନା କରନ୍ତି ଯେ, ଦାନ୍ତର ଗୋଟିଏ ଖଣ୍ଡ ଭାଙ୍ଗିଥିଲା ଓ ମୂଳରୁ ଉପୁଡ଼ି ନଥିଲା । ହ. ସାଆଦ୍ ବିନ୍ ଅବି ଓକ୍କାସ୍ ର.ଅ ଯେକି ସେହି ଉତ୍‌ବାର ଭାଇଥିଲେ । ତାଙ୍କୁ ଯେତେବେଳେ ଜ୍ଞାତ ହେଲା ଯେ, ନବୀ କରୀମ୍ ସ.ଅଙ୍କ ଉପରେ ଆକ୍ରମଣ କରିଥିବା ଆକ୍ରମଣକାରୀ ବ୍ୟକ୍ତି ତାଙ୍କର ଭାଇ ଅଛି । ତେବେ ସେ ପ୍ରତିଶୋଧ ପରାୟଣ ହୋଇ ତା'ର ପିଛା କରି ସୈନ୍ୟବାହିନୀର ମଧ୍ୟଭାଗରେ ପଶିଗଲେ (ଅନୁପ୍ରବେଶ କଲେ) । ସେ ବର୍ଣ୍ଣନା କରନ୍ତି ଯେ, ସେତେବେଳେ ମୁଁ ତା'ର (ଉତ୍‌ବାର) ହତ୍ୟା କରିବାକୁ ଏତେ ଉତ୍ସୁକ ଥିଲି ଯେ, ସଂସାରରେ ଅନ୍ୟ କୌଣସି ବସ୍ତୁ ପ୍ରତି ମୋ ମନରେ ଏତେ ଉତ୍ସୁକତା ନଥିଲା । କିନ୍ତୁ ଉତ୍‌ବା ମୋତେ ଚକ୍‌ମା ଦେଇ ଖସି ପଳାଇଲା । ସେ ମୁହଁ ବୁଲାଇ ପୁଣିଥରେ ତା'ର ସନ୍ଧାନରେ ବାହିରିଲେ । କିନ୍ତୁ ସେ ପ୍ରତ୍ୟେକ ଥର ଚକ୍‌ମା ଦେଇ ଦେଉଥିଲା। ମୁଁ ଯେତେବେଳେ ତୃତୀୟ ଥର ଉତ୍‌ବାର ସନ୍ଧାନରେ ବାହାରିଲେ ସେତେବେଳେ ନବୀ କରୀମ୍ ସ.ଅ ହ. ସାଆଦ୍ ର.ଅ କହିଲେ, ହେ ଈଶ୍ୱରଙ୍କ ଭକ୍ତ! ତୁମେ ତା' ପଛରେ ଗୋଡ଼ାଇ ନିଜର ପ୍ରାଣ ଦେବାକୁ ଚାହୁଁଛ କି ? ହ. ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏହିପରି ଭାବରେ ଆଁହଜରତ ସ.ଅ ବାରଣ କରିବାରୁ ମୁଁ ଅଟକିଗଲି । ଆଁହଜରତ ସ.ଅ ଉତ୍‌ବା ବିନ୍ ଓକ୍କାସ୍ ବିରୁଦ୍ଧରେ ଏହି ଦୁଆ କଲା ଯେ, اَللّٰهُمَّ لَا يَحُوْلُ عَلَيْهِ الْحَوْلُ حَتّٰى يَمُوْتَ ଅର୍ଥାତ୍ ହେ ଅଲ୍ଲାଃ ! ସେହି ବ୍ୟକ୍ତିକୁ ବର୍ଷେ ପୂରି ନଥିବ କି ସେ ଅବିଶ୍ୱାସକାରୀ ଅବସ୍ଥାରେ ହିଁ ପ୍ରାଣ ହରାଇବ । ଅଲ୍ଲାଃତାଲା ଆଁହଜରତ ସ.ଅଙ୍କର ଉକ୍ତ ଦୁଆକୁ (ପ୍ରାର୍ଥନାକୁ)ଏହିପରି ସ୍ୱୀକାର କଲେ ଯେ, ସେହି ଦିନ ହ. ହାତିବ୍ ବିନ୍ ଅବି ବଲ୍‌ତା ର.ଅ ତା'କୁ ହତ୍ୟା କରିଦେଲେ । ହ. ହାତିବ୍ ର.ଅ କୁହନ୍ତି: "ମୁଁ ଯେତେବେଳେ ଉତ୍‌ବା ବିନ୍ ଅବି ଓକ୍କାସ୍‌ର ଲଜ୍ଜାଜନକ ଏବଂ ଶୋଚନୀୟ ଦୁଃସାହସିକତା ଏବଂ ଘୃଷ୍ଟତାକୁ ଦେଖିଲି ସେତେବେଳେ ମୁଁ ତୁରନ୍ତ ଆଁହଜରତ ସ.ଅଙ୍କୁ ପଚାରିଲି ଯେ, ଉତ୍‌ବା କୁଆଡ଼େ ଗଲା ? ଆପଣ ସ.ଅ ସେହି ଦିଗ ଆଡ଼କୁ ଇଙ୍ଗିତ କଲେ ଯେଉଁ ଆଡ଼େ ସେ ଯାଇଥିଲା । ମୁଁ ତୁରନ୍ତ ତା'ର ପିଛା କଲି । ଏପର୍ଯ୍ୟନ୍ତକି ଏକ ସ୍ଥାନରେ ତା'କୁ ଖୋଜିବାରେ ସଫଳ ହୋଇଗଲି । ମୁଁ ତୁରନ୍ତ ତା' ଉପରେ ଖଡ୍‌ଗ ପ୍ରହାର କଲି । ଯଦ୍ଦ୍ୱାରାକି ତା'ର ସ୍କନ୍ଧଚ୍ୟୁତ ହୋଇ ଦୂରକୁ ଯାଇ ପଡ଼ିଲା । ମୁଁ ଅଗ୍ରସର ହୋଇ ତା'ର ଖଡ୍‌ଗକୁ ଛଡ଼ାଇ ତା'କୁ ନେଇନେଲି । ଆଁହଜରତ ସ.ଅଙ୍କ ପାଖକୁ ଆସିଲି । ଆପଣ ସ.ଅ ଉକ୍ତ ଖବର ଶୁଣି ଦୁଇ ଥର କହିଲେ, رَضِيَ اللّٰهُ عَنْكَ رَضِيَ اللّٰهُ عَنْكَ । ଅର୍ଥାତ୍ ଅଲ୍ଲାଃତାଲା ତୁମ ଉପରେ ପ୍ରସନ୍ନ ହୋଇଗଲେ ।

ଉକ୍ତ ଆକ୍ରମଣରେ ଆଁହଜରତ ସ.ଅଙ୍କ ମୁଣ୍ଡ ଉପରେ ଯେଉଁ ଲୌହ ମୁକୁଟ ଥିଲା ତାହା ଭାଙ୍ଗି ଯାଇଥିଲା । ସେହିପରି ଶତ୍ରୁର ଅହରହ ଆକ୍ରମଣରେ ଆପଣ ସ.ଅଙ୍କ ମୁଖମଣ୍ଡଳ ମଧ୍ୟ ଆହତ ହୋଇଗଲା । ଫଳତଃ ଚର୍ମ ମଧ୍ୟ ଫାଟିଗଲା । ଆପଣ ସ.ଅଙ୍କ ମୁଖମଣ୍ଡଳ ଉପରେ ପ୍ରହାର କରିଥିବା ଯେଉଁ ଆକ୍ରମଣକାରୀ ବ୍ୟକ୍ତି ଥିଲା ସେହି ବ୍ୟକ୍ତି ହେଉଛି ଅବ୍‌ଦୁଲ୍ଲାଃ ବିନ୍ ଶିହାବ୍ ଥିଲା । ଅବ୍‌ଦୁଲ୍ଲାଃ ବିନ୍ ଶିହାବ୍ ଜୁହରୀ ପରବର୍ତ୍ତୀ ସମୟରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-321, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଫତ୍‌ହୁଲ୍ ବାରି, ଭାଗ-7, ପୃ-464, ହଦିସ୍ ନଂ-4070, କଦିମ୍ କୁତୁବ୍ ଖାନା କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଉକ୍ତ ଯୁଦ୍ଧ ଚର୍ଚ୍ଚା ବର୍ତ୍ତମାନ ଜାରି ରହିଛି ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି । ପ୍ରଥମ ଚର୍ଚ୍ଚା ହେଉଛି ସ୍ୱର୍ଗତ ପାଲେଷ୍ଟାଇନ୍‌ର ଅବୁ ହିଲ୍‌ମି ମୁହମ୍ମଦ ଉକ୍କାଶା ସାହେବଙ୍କର । ଶରିଫ୍ ଓହଦେ ସାହେବ ତାଙ୍କ ସଂକ୍ରନ୍ତରେ ଉଲ୍ଲେଖ କରନ୍ତି ଯେ, କିଛି ଦିନ ପୂର୍ବେ ଆମର ଗାଜା ଅଞ୍ଚଳରେ ଜଣେ ଅହେମଦି ଭାଇ ମୁହମ୍ମଦ୍ ଉକ୍କାଶା ସାହେବଙ୍କୁ ଅତ୍ୟନ୍ତ ନୃଶଂସନୀୟ ଭାବରେ ଶହୀଦ୍ କରିଦିଆଗଲା । ତାଙ୍କର ମୃତଦେହ ତାଙ୍କ ଘର ଠାରୁ କିଛି ଦୂରରେ ମିଳିଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ ।

ସ୍ୱର୍ଗତ ଅବୁ ହିଲ୍‌ମି ସାହେବ ଅତ୍ୟନ୍ତ ନୈଷ୍ଠିକ ଅହେମଦି ଥିଲେ । ତାଙ୍କୁ 75 ବର୍ଷୟ ବୟସ ହୋଇଥିଲା । ନିଜର ପ୍ରକୃତ (ମୂଳ) ଗ୍ରାମ ରୁ ପ୍ରବାସ କରି ଆସି ଗାଜାର ଜିବିଲିୟା ଠାରେ ସେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କ କ୍ୟାମ୍ପରେ ରହୁଥିଲେ । ତାଙ୍କର 7ଜଣ ପୁତ୍ର ସନ୍ତାନ ଏବଂ 5ଜଣ କନ୍ୟା ସନ୍ତାନ ଥିଲେ । ସ୍ୱର୍ଗତ ଅବୁ ହିଲ୍‌ମି ସାହେବଙ୍କର 33ଜଣ ନାତି ନାତୁଣୀ ଅଛନ୍ତି । ତାଙ୍କର ନାତି କୁହନ୍ତି ଯେ, ଅନେକ ସପ୍ତାହ ଧରି ତାଙ୍କ ସହିତ ଯୋଗଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଯେତେ ଚେଷ୍ଟା କଲେ ବି ଯୋଗାଯୋଗ ହୋଇପାରୁ ନଥିଲା । ସାମୟିକ ଯୁଦ୍ଧ ବିରତି ସମୟରେ ତାଙ୍କୁ ଖୋଜାଖୋଜି କଲୁ କିନ୍ତୁ ତାଙ୍କୁ ଘରେ ପାଇଲୁ ନାହିଁ । ଏହାପରେ 100 ମିଟର ଦୂରରେ କ୍ଷିପ୍ତ ବିକ୍ଷିପ୍ତ ଶବ ମଧ୍ୟରେ ତାଙ୍କର ଶବ ମିଳିଲା । ତାଙ୍କ ମସ୍ତିଷ୍କରେ ଗୁଳି କରି ତାଙ୍କୁ ଶହୀଦ୍ କରିଦିଆ ଯାଇଥିଲା ।

ଗାଜାର ୟାସିନ୍ ଶାହୀନ ନାମକ ଜଣେ ଅହେମଦି କୁହନ୍ତି: ସ୍ୱର୍ଗତ ଅବୁ ହିଲ୍‌ମି ସାହେବ 10 ବର୍ଷ ପୂର୍ବେ ଡିଶ୍ ଆଣ୍ଟିନା ଲଗେଇଥିଲେ ଏବଂ ମୋତେ କହିଲେ ଶ୍ରୀମାନ ଏମ୍.ଟି.ଏ ଚ୍ୟାନେଲ୍ ଖୋଜିବାରେ ମୋତେ ସାହାଯ୍ୟ କର ଟିକେ। ଇତ୍ୟବସରରେ ତାଙ୍କ ମାଧମରେ ମୋତେ ଅହେମଦିୟତ୍ ସଂପର୍କରେ ଜଣା ପଡ଼ିଲା। କିଛି କାଳ ପରେ ସେ ଜମାଅତ୍ ସଂପର୍କରେ ମୋତେ ଅତିରିକ୍ତ ପରିଚୟ ପ୍ରଦାନ କଲେ ଏବଂ କେତେକ ପୁସ୍ତକ ମୋତେ ପ୍ରେରଣ କଲେ । ପୁନଶ୍ଚ କିଛି କାଳ ପର୍ଯ୍ୟନ୍ତ ଆମ ମଧ୍ୟରେ ବିତର୍କ ଜାରି ରହିଲା । ଏତଦ୍‌ପରେ ମୁଁ ଇସ୍ତିଖାରା କଲି ଓ ନିଜର ପତ୍ନି ସମେତ ବୈଅତ୍ କରିବାକୁ ସାମର୍ଥ୍ୟ ପାଇଲି । ମୋ ବୈଅତ୍ କରିବା ପରେ ମୁହମ୍ମଦ ଉକ୍କାଶା ସାହେବ ଅତ୍ୟନ୍ତ ପ୍ରସନ୍ନ ଥିଲେ । ଏତଦ୍‌ପରେ ଆମର ସଂପର୍କ ଦୃଢ଼ ହୋଇ ଚାଲିଲା । ସ୍ୱର୍ଗତ ଅବୁ ହିଲ୍‌ମି ସାହେବ ଅନେକ ଘଣ୍ଟା ପର୍ଯ୍ୟନ୍ତ ମୋତେ ପବିତ୍ର କୁରଆନ୍ କରୀମ୍‌ର ଆୟତର ବ୍ୟାଖ୍ୟା କହୁଥିଲେ । ତଫ୍‌ସିର୍ କବିରରୁ ଆଲେଖ୍ୟମାନ ଶୁଣାଉଥିଲେ ଓ ନାସିଖ୍ ମନସୁଖ୍ ଆଦି ପ୍ରସଙ୍ଗ ସଂକ୍ରାନ୍ତରେ ମଧ୍ୟ ମୋତେ ବୁଝାଉଥିଲେ । ତାଙ୍କର ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ପ୍ରୀତିକର ଥିଲା । ଦୀର୍ଘ କାଳ ଧରି ସେ ଏକ ପୁସ୍ତକ ରଚନା କରୁଥିଲେ ଏବଂ ମୋତେ ଡାକି ପୁସ୍ତକ ପାଠ କରି ଶୁଣାଉଥିଲେ ଏବଂ ଉକ୍ତ ପୁସ୍ତକକୁ ଆହୁରି ମାର୍ଜିତ କରୁଥିଲେ ଓ ବିଭିନ୍ନ ପ୍ରସଙ୍ଗଙ୍କୁ ବତର୍କ ପରିସରଭୁକ୍ତ ଆଣୁଥିଲେ । ତାଙ୍କର ଏହି ଉଦ୍ଦେଶ୍ୟ ରହିଥିଲା ଯେ, ସେ ନିଜ ଘରକୁ ଟିକେ ବଡ଼ କରି ତହିଁରେ ଏକ ଲାଇବ୍ରେରୀ ସ୍ଥାପନ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 17 OCTOBER 2024 Issue No. - 42

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କରିବେ । ଏକ ଲାଇବ୍ରେରୀରେ ନିର୍ମାଣ କରିବେ । ଉକ୍ତ ଲାଇବ୍ରେରୀରେ ଜମାତୀୟ ପୁସ୍ତକର ଜେରକ୍ସ (ପ୍ରତିକୃତି) ପ୍ରସ୍ତୁତ କରିବେ । କିନ୍ତୁ ସ୍ୱର୍ଗତ ଅବୁ ହିଲ୍‌ମି ସାହେବଙ୍କ ଅହେମଦି ହେବା ଯୋଗୁଁ ତାଙ୍କର ବଂଶର ଲୋକ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ । ଏଇଥି ପାଇଁ ତାଙ୍କର ଏହି ଅଭିଳାଷା ପୂର୍ଣ୍ଣ ଓ ଚରିତାର୍ଥ ହୋଇପାରି ନଥିଲା । ତାଙ୍କ ମାଧ୍ୟମରେ ଗାଜାର ଜମାଅତ୍ ସହିତ ମୋର ପରିଚୟ ହୋଇଥିଲା। ଆମେମାନେ ସମସ୍ତେ ତାଙ୍କ ବୈଠକରେ ତାଙ୍କ ସହିତ ସକ୍ଷାତ୍ କରୁଥିଲୁ । ଶେଷ ବର୍ଷରେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନରହିବା ଯୋଗୁଁ ଅନେକ ସମୟ ସେ ନିଜ ଗୃହରେ ହିଁ ଅତିବାହିତ କରୁଥିଲେ ।  ଅତି କଷ୍ଟରେ ସେ ପ୍ରତିକ୍ରିୟା ପ୍ରଦର୍ଶନ କରୁଥିଲେ ।

ଗାଜାର ଆଉ ଜଣେ ଅହେମଦି ଯାହାଙ୍କ ନାମ ଇଓଜ୍ ସାହେବ ଅଟେ । ସେ କୁହନ୍ତି: "ସ୍ୱର୍ଗତ ଅବୁ ହିଲ୍‌ମି ଉକ୍କାଶା ସାହେବଙ୍କ ଉଚ୍ଚତା ଅଧିକ ଥିଲା । ଜଣେ ଇଚ୍ଚତା ସମ୍ପନ୍ନ ବ୍ୟକ୍ତି ଥିଲେ, ଦୁର୍ବଳ ଶରୀର ଓ ତାଙ୍କର ଦାଢି ଧବଳ ବର୍ଣ୍ଣର ଥିଲା। ସ୍ୱର୍ଗତ୍ ଅବୁ ହିଲ୍‌ମି ସାହେବଙ୍କ ଧର୍ମପରାୟଣତା ଏବଂ ପୁଣ୍ୟର ପ୍ରଭାବ ତୁରନ୍ତ ପ୍ରତିପକ୍ଷ ବ୍ୟକ୍ତି ଉପରେ ପଡୁଥିଲା । ସେ ସର୍ବଦା ଈଶ୍ୱର ଚର୍ଚ୍ଚା ଜମାତୀୟ ପୁସ୍ତକ ଅଧ୍ୟୟନ କରିବାରେ ବ୍ୟସ୍ତ  ଏବଂ ନିମଗ୍ନ ରହୁଥିଲେ । ତାଙ୍କର ଏହି ଅଭିଳାଷା ଥିଲା କି ତାଙ୍କ ଘର ପାଖରେ ଜମାଅତ୍ ଅହେମଦିୟାର ଏକ ମସଜିଦ୍ ନିର୍ମାଣ ହେଉ । 2014 ମସିହାର ଯୁଦ୍ଧ ପରେ ସେ ସ୍ୱହସ୍ତରୁ ଏକ ବିଷୟବସ୍ତୁ ଲେଖିଲେ ଯହିଁରେ ସେ ଏହା ଉଲ୍ଲେଖ କଲେ ଯେ, ଦିନ ଆସିବ ଯେତେବେଳେ କବର ଉପରେ ବୋମା ବର୍ଷଣ କରାଯିବ ଏବଂ କବରର ସୂଚନା ଫଳକ ଏବଂ ପ୍ରସ୍ତର ଏଣେତେଣେ ବିକ୍ଷିପ୍ତ ହୋଇଯିବ । ଅତଏବ୍ ଠିକ୍ ସେହିପରି ହେଲା । ସମସ୍ୟାଗ୍ରସ୍ତ ଥିବା ସତ୍ତ୍ୱେ ପ୍ରତ୍ୟେକ ସାକ୍ଷାତ୍‌କାରୀଙ୍କ ସହିତ ସ୍ମିତହାସ୍ୟ ପ୍ରକାଶ କରି ସାକ୍ଷାତ୍ କରୁଥିଲେ । ଅତ୍ୟନ୍ତ ବଦାନ୍ୟ, ପ୍ରଖର ବୁଦ୍ଧି ଓ ଅନ୍ୟ ବ୍ୟକ୍ତିର ଭାବନା ଏବଂ ଚିନ୍ତାଧାରାକୁ ଶୀଘ୍ର ସେ ପଢି ନେଉଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ୟୁସୁଫ୍ ସାହେବ ନାମକ ଜଣେ ଡାକ୍ତର ଅଟନ୍ତି । ସେ କୁହନ୍ତି ଯେ, ମୋ ଭାଇ ଅବୁ ହିଲ୍‌ମି ସାହେବ ଜଣେ ନୈଷ୍ଠିକ ଏବଂ ଜଣେ ସଚ୍ଚୋଟ ଏବଂ ପ୍ରକୃତ ଅହେମଦି ବ୍ୟକ୍ତି ଥିଲେ । ଅହେମଦି ହେବା ପୂର୍ବରୁ ଭାଇଙ୍କର ଚିନ୍ତାଧାର ଏବଂ ପ୍ରସଙ୍ଗଚିତ୍ତ ଅହେମଦିମାନଙ୍କ ପରି ଥିଲା । ଅତଃ ତାଙ୍କୁ ଯେତେବେଳେ ଜମାଅତ୍ ଅହେମଦିୟା ସଂକ୍ରାନ୍ତରେ ଜ୍ଞାତ ହେଲା ସେତେବେଳେ ସେ ତୁରନ୍ତ ବୈଅତ୍ କରିନେଲେ । ବୈଅତ୍ କରିବା ପରେ ଆଖପାଖରେ ଥିବା ବରିଷ୍ଠ ଶିଳ୍ପପତି ଓ ଉଦ୍ୟୋଗପତି ଏବଂ ଧନୀ ବ୍ୟକ୍ତିଙ୍କ ସହିତ ଜମାଅତ୍ ସଂକ୍ରାନ୍ତରେ ବାର୍ତ୍ତାଳାପ କରୁଥିଲେ । ଯଦ୍ଦ୍ୱାରାକି ତାଙ୍କୁ ତାଙ୍କୁ ନିଜର ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନଙ୍କ ପକ୍ଷରୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ କଷ୍ଟ ସହ୍ୟ କରିବାକୁ ପଡୁଥିଲା । ଜୀବନର ଶେଷ ପର୍ଯ୍ୟାୟରେ ଅନ୍ଧ ଲଉଡ଼ୀ (ଆଶାବାଡ଼ୀ) ସାହାଯ୍ୟରେ ଚାଲି ଜୁମା ନମାଜ ପାଠ କରିବାସୁ ଆସୁଥିଲେ ଏବଂ ଜଲ୍‌ସାମାନଙ୍କରେ ସର୍ବ ପ୍ରଥମେ ଉପସ୍ଥିତ ହେଉଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କୁ ଅତ୍ୟନ୍ତ କଷ୍ଟ ସହ୍ୟ କରିବାକୁ ପଡୁଥିଲା ଏବଂ ମାର୍ଗରେ ବିରୋଧୀମାନଙ୍କର ବିରୋଧର ସମ୍ମୁଖୀନ ମଧ୍ୟ ହେବାକୁ ପଡୁଥିଲା । ସ୍ୱର୍ଗତ ଅବୁ ହିଲ୍‌ମି ସାହେବ ଅନ୍ୟମାନଙ୍କ ଅପେକ୍ଷା ନିଜର ଚାନ୍ଦା ସର୍ବଦା ସର୍ବ ପ୍ରଥମେ ପୈଠ କରିଦେଉଥିଲେ । କିନ୍ତୁ ବାସ୍ତବରେ ସେ ଜଣେ ଅଭାବି ବ୍ୟକ୍ତି ଥିଲେ ।

ତାଙ୍କର (ସ୍ୱର୍ଗତ ଅବୁ ହିଲ୍‌ମି) ସାହେବଙ୍କର ଏହି ମନସ୍କାମନା ଥିଲା ଯେ, ଜମାଅତ୍ ଏବଂ ଓ ଜମାଅତ୍‌ର ଚିନ୍ତାଧାରା ସମଗ୍ର ସଂସାରର ଜୟଯୁକ୍ତ ହୋଇଯାଉ। କାରଣ ତହିଁରେ ହିଁ ମାନବତାର ସମସ୍ତ ସମସ୍ୟାର ସମାଧାନ ନିହିତ ରହିଛି । ତାଙ୍କର ଏହି ଇଚ୍ଛା ଥିଲା ଯେ, ସେ ନିଜ ଘର ଓ ଖଣ୍ଡେ ଜମି ଜମାଅତ୍‌କୁ ଦେଇଦେବେ । କାରଣ ସେହି ସ୍ଥାନରେ ମସ୍‌ଜିଦ୍ ଏବଂ ଜମାଅତ୍‌ର କେନ୍ଦ୍ର ସ୍ଥାପନ ହେଉ । କିନ୍ତୁ ବିରୋଧୀ ସଂପର୍କୀୟମାନେ ତହିଁରେ ବାଧା ସାଜିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିକୁ ମଧ୍ୟ ତାଙ୍କ ପୁଣ୍ୟର ଅଧିକାରୀ କରନ୍ତୁ । ତାଙ୍କର ସନ୍ତାନ ସନ୍ତତି ଏବଂ ଆତ୍ମୀୟ ସ୍ୱଜନ ଓ ପ୍ରିୟଜନମାନଙ୍କୁ ଅହେମଦିୟତ୍ ଓ ପ୍ରକୃତ ଅହେମଦିୟତ୍‌କୁ ବୁଝିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ସ୍ୱଚକ୍ଷୁରେ ଅବଲୋକନ କରନ୍ତୁ । ଅଲ୍ଲାଃତାଲା ସେହି ଅଞ୍ଚଳମାନଙ୍କରେ ଶାନ୍ତି ବଜାୟ ରଖନ୍ତୁ । ଅତ୍ୟାଚାରୀର ହସ୍ତକୁ ଅଟକାଇ ଦିଅନ୍ତୁ ଓ ଅତ୍ୟାଚାରର ଅବସାନ ଘଟୁ ।

ଇସ୍ରାଇଲ୍ ବର୍ତ୍ତମାନ ଲେବ୍‌ନାନ୍‌ର ସୀମା ସହିତ ହିଜ୍‌ବୁଲ୍ଲାଃ ବିରୋଧରେ ଯୁଦ୍ଧ ଆରମ୍ଭ କରୁଛି । ଏହା ଦ୍ୱାରା ପରିସ୍ଥିତି ଆହୁରି ଅଧିକ ବିଗିଡ଼ିଯିବ । ସେହିପରି ଆମେରିକା, ବ୍ରିଟେନ୍ ହୁତୀ ୟମନୀୟ ବିଦ୍ରୋହୀ ସଂପ୍ରଦାୟ ବିରୋଧରେ ଯେଉଁ ଯୁଦ୍ଧ ଆରମ୍ଭ କରିଛି ଏହି ସମସ୍ତ ପ୍ରସଙ୍ଗ ଯୁଦ୍ଧକୁ ଆହୁରି ବୃଦ୍ଧି ଏବଂ ବ୍ୟାପକ କରୁଅଛି। ବର୍ତ୍ତମାନ ଅନେକ ଲୋକମାନେ ମୋତେ ପତ୍ର ଲେଖୁଛନ୍ତି ଯେ, ହୁଜୁର ! ବିଶ୍ୱ ଯୁଦ୍ଧର ଲକ୍ଷଣ ଅତି ନିକଟତର ଦୃଶ୍ୟମାନ ହେଉଅଛି । ଅତଏବ୍ ଦୁଆ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଅଲ୍ଲାଃତାଲା ମାନବତାକୁ ସଦ୍‌ବୁଦ୍ଧି ଏବଂ ବିବେକ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଯନାଜାଃର ଚର୍ଚ୍ଚା ରହିଛି । ସେହି ଯନାଜାଃ ହେଉଛି ସ୍ୱର୍ଗତା ଅମତୁନ୍ ନସୀର୍ ଜଫର୍ ସାହେବାଙ୍କର । ସ୍ୱର୍ଗତା ଅମତୁନ୍ ନସୀର୍ ସାହେବା ଜର୍ମାନୀର ମୁବଲ୍ଲିଗ୍ ସିଲସିଲା ହୈଦର୍ ଅଲୀ ଜଫର୍ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନରେ ତାଙ୍କର ପରଲୋକ ହୋଇଯାଇଛି إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଅମତୁନ୍ ନସୀର୍ ସାହେବା ଓସିୟତ୍ କାରୀଣୀ ମହିଳାଟିଏ ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ତାଙ୍କର ସ୍ୱାମୀ ମହୋଦୟଙ୍କ ବ୍ୟତୀତ ଦୁଇ ପୁତ୍ର ଏବଂ ଗୋଟିଏ କନ୍ୟା ସନ୍ତାନ ରହିଛନ୍ତି । ତାଙ୍କର ନନା (ଅଜା) ହ. ଚୌଧୁରୀ ଅମିନୁଲ୍ଲାଃ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ହୈଦର୍ ଅଲୀ ଜଫର୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ମୁବଲ୍ଲିଗ୍ ଥିଲି, ଫିଲ୍‌ଡ୍‌ରେ ରହିଛି । ତେବେ ବିଭିନ୍ନ ସମୟରେ ପ୍ରାୟ 12 ବର୍ଷ କାଳ ସ୍ୱର୍ଗତା ପତ୍ନି ମୋ ଠାରୁ ଅଲଗା ରହିଥିଲେ । କିନ୍ତୁ କେବେ ବି କୌଣସି ଅଭିଯୋଗ ଏବଂ ମାନ କି ଅଭିମାନ ସେ କରି ନାହାନ୍ତି । କେବେ ବି କୌଣସି କଥା ଯୋଗୁଁ ଯଦି ଡିଷ୍ଟର୍ବ (ବିକ୍ଷୁବ୍ଧ) ହେଉଥିଲେ ସେତେବେଳେ ମୁଁ ତାଙ୍କୁ ପଚାରଥିଲି ଶ୍ରମତୀ ଆପଣ ମୋତେ ସମସ୍ୟା ଏବଂ ଅସୁବିଧା ସଂପର୍କରେ କାହିଁକି ଜଣାଇଲେ ନାହିଁ । ପ୍ରତ୍ୟୁତ୍ତରରେ ସେ କହିଲେ, ହେ ସ୍ୱାମୀ ! ମୁଁ ଆପଣଙ୍କୁ ଏଇଥିପାଇଁ କହିଲି ବା ଜଣାଇଲି ନାହିଁ ଯେ, ଆପଣଙ୍କୁ କର୍ମଭୂମିରେ କୌଣସି ଅସୁବିଧା ଯେପରି ନହେଉ। ଫ୍ରାଙ୍କ୍‌ଫୋର୍ଟର ହଲ୍‌କା ବୈତୁସ୍ ସୁବୁହ୍‌ର ସଦର୍ ଲଜନା ଭାବରେ ମଧ୍ୟ ସ୍ୱର୍ଗତା ଅମତୁନ୍ ନସୀର୍ ଦାୟିତ୍ୱ ତୁଲାଇଥିଲେ । ଖିଲାଫତ୍ ଜୁବ୍‌ଲୀ ବର୍ଷରେ ତାଙ୍କୁ ସଦର୍ ଲଜ୍‌ନା ଫ୍ରାଙ୍କଫର୍ଟ୍‌ରେ ସେବା କରିବାକୁ ସୁଯୋଗ ପ୍ରାପ୍ତ ହେଲା । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଅମତୁନ୍ ନସୀର୍ ସାହେବା ନମାଜ୍, ରୋଜାର ନିୟମାନୁବର୍ତ୍ତୀନୀ ମହିଳାଟିଏ ଥିଲେ । ତେହଜ୍ଜୁଦ୍ ପାଠକାରୀଣୀ ଥିଲେ । ପବିତ୍ର କୁରଆନ୍ କରୀମ୍‌ର ଆବୃତ୍ତିକାରୀଣୀ ମହିଳାଟିଏ ଥିଲେ । ନିୟମିତ ରୂପରେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି) କରୁଥିଲେ । ଅନେକ ଦାନ ଦକ୍ଷିଣା କରୁଥିବା ମହିଳା ଏବଂ ଯଥା ସମୟରେ ଚାନ୍ଦା ପୈଠ କରଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଯନାଜାର ଚର୍ଚ୍ଚା ହେଉଛି ଶ୍ରମତୀ ସ୍ୱର୍ଗତା ନସିମ୍ ଅଖ୍‌ତର୍ ସାହେବାଙ୍କର । ଆପଣ ଘଟାଲିୟାଁ ଗ୍ରାମ ଅନ୍ତର୍ଗତ ହବିବୁଲ୍ଲାଃ କାହାଲୋଁ ସାହେବଙ୍କର ପତ୍ନି ଅଟନ୍ତି । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ନସିମ୍ ଅଖ୍‌ତର୍ ସାହେବା ଓସିୟତ୍ କରିଥିଲେ । ଓସିୟତ୍‌ର ସମସ୍ତ ହିସାବ କିତାବ ମୃତ୍ୟୁ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ଛିଣ୍ଡେଇ ଦେଇଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ 6 ଜଣ ପୁତ୍ର ସନ୍ତାନ ଏବଂ ଦୁଇ ଜଣ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଛନ୍ତି । ଜଣେ କନ୍ୟାର ବିୟୋଗ ତାଙ୍କ ଜୀବନରେ ହିଁ ହୋଇଯାଇଥିଲା। ସେହି ମୃତକା କନ୍ୟାର ସନ୍ତାନମାନଙ୍କୁ ମଧ୍ୟ ଅତ୍ୟନ୍ତ ଯତ୍ନ ଓ ପ୍ରେମର ସହକାରେ ରଖିଥିଲେ । ସେମାନଙ୍କର ଲାଳନ ପାଳନ ଦାୟିତ୍ୱ ମଧ୍ୟ ବହନ କରିଥିଲେ ଓ ସେମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ପୁତ୍ରମାନଙ୍କ ମଧ୍ୟରେ ଚାରି ଜଣ ପତ୍ର ସନ୍ତାନ ୱାକ୍‌ଫିନେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି । ସ୍ୱର୍ଗତାଙ୍କ ଏକ ପୁତ୍ର ଯାହାଙ୍କ ନାମ ନୱେଦ୍ ଆଦିଲ୍ ସାହେବ ଯେକି ଲାଇବେରିୟାର ମିଶ୍‌ନାରୀ ଇନ୍‌ଚାର୍ଜ ଅଟନ୍ତି ଏବଂ କର୍ମଭୂମିରେ ସେବା କରୁଥିବା ହେତୁ ନିଜ ମାତାଙ୍କ ଯନାଜାଃ (ଅନ୍ତିମ ସଂସ୍କାର)ରେ ସାମିଲ୍ ହୋଇପାରି ନାହାନ୍ତି । ନୱେଦ୍ ଆଦିଲ୍ ସାହେବ କୁହନ୍ତି: "ଆମ ବଂଶରେ ଅହେମଦିୟତ୍ ମାତାଶ୍ରୀଙ୍କ ପିତା ସ୍ୱର୍ଗତ ମୌଲା ବଖ୍‌ଶ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ନନା (ଅଜା) ଖିଲାଫତେ ସାନିୟା ସମୟରେ ବୈଅତ୍ କରିଥିଲେ । ନନାଙ୍କର ଧାର୍ମିକ ଜ୍ଞାନ ଭଲ ଥିଲା । ବେଳେବେଳେ ସାକ୍ଷାତ୍‌କର୍ତ୍ତାମାନେ ଆପଣଙ୍କୁ ପ୍ରଶ୍ନ ପଚାରୁଥିଲେ ଯେ, ଆପଣଙ୍କର ଶିକ୍ଷାଗତ ଯୋଗ୍ୟତା କେତେ ? ମାତାଶ୍ରୀଙ୍କ ସାଂସାରିକ ଶିକ୍ଷାଗତ ଯୋଗ୍ୟତା ଅତି ସାଧାରଣ ଥିଲା । ଧାର୍ମିକି ଶିକ୍ଷାର ରୁଚି ସଂପର୍କରେ ସର୍ବଦା ସେ କହୁଥିଲେ ଯେ,ଏହା ତାଙ୍କର ପିତାଶ୍ରୀ ମହୋଦୟଙ୍କ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି । କାରଣ ସେ ମସ୍‌ଜିଦରେ ଆସି ଯେଉଁ ଦରସ୍ ଶୁଣୁଥିଲେ ଘରେ ଆସି ତତସଂପର୍କରେ ସେ ଅବଶ୍ୟ ଆମମାନଙ୍କୁ କହୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଯଦି ଘରେ ଏହି ପ୍ରକାରର ଚର୍ଚ୍ଚା ହେଉଥାଏ ତେବେ ଅଭିଭାବକମାନଙ୍କର  ସନ୍ତାନମାନଙ୍କ ଉପରେ ବଡ଼ ସକାରାତ୍ମକ ପ୍ରଭାବ ପଡ଼ିଥାଏ।

**(ଅବଶିଷ୍ଟାଂଶ........................ପରବର୍ତ୍ତୀ  ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan